৬ মালেসিআ ওপন ব্যাড্মিণ্টন সেমিফাইনালরে পহଞ୍ଚিলে সিন্ধু

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
31 YEARS
ସମ୍ବାଦ କଳିକା
The Sambad Kalika
TM
E-mail : sambadkalikanews@gmail.com
e-paper www.sambadkalika.in
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00
● ବର୍ଷ–୩୨ ● ସଂଖ୍ୟା–୩୪୩ ● ୧୦ ଜାନୁଆରୀ ୨୦୨୬, ଶନିବାର ● ଭୁବନେଶ୍ୱର ● Vol -32 ● Issue-343 ● 10th January 2026, Saturday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

୬ ମାଲେସିଆ ଓପନ ବ୍ୟାଡ୍ମିଣ୍ଟନ ସେମିଫାଇନାଲରେ ପହଞ୍ଚିଲେ ସିନ୍ଧୁ



# ୧୧ ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁରୀ

**ଭୁବନେଶ୍ୱର, ୯ ।୧**
**ନ୍ୟୁଜ୍ ବ୍ୟୁରୋ**

ଟାଟା ପାୱାର ଓଡ଼ିଶାରେ ସୋଲାର ସେଲ୍ ମାନୁଫ୍ୟାକଚରିଂ ପ୍ଲାଣ୍ଟ ପ୍ରତିଷ୍ଠା କରିବ। ପ୍ରାୟ ୧୦ ହଜାର କୋଟି ଟଙ୍କା ବ୍ୟୟରେ ପ୍ରତିଷ୍ଠା ହେବାକୁ ଥିବା ଏହି ପ୍ରକଳ୍ପ ଦ୍ୱାରା ପ୍ରତ୍ୟେକ୍ଷ ଓ ପରୋକ୍ଷ ଭାବେ ୫ ହଜାରରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏ ସଂକ୍ରାନ୍ତ ପ୍ରସ୍ତାବ ସମେତ ୮ଟି ବିଭାଗର ମୋଟ ୧୧ଟି ପସ୍ତାବକୁ ରାଜ୍ୟ କ୍ୟାବିନେଟ୍ ବୈଠକରେ ମଞ୍ଜୁରୀ ମିଳିଛି। ଶୁକ୍ରବାର ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀଙ୍କ ଅଧକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ଓଡ଼ିଶା ପର୍ଯ୍ୟଟନ (ସଂଶୋଧନ ନୀତି-୨୦୨୬) ନୀତିକୁ କ୍ୟାବିନେଟ୍ ମଞ୍ଜୁରୀ ମିଳିଥିବା ବେଳେ ରାସନକାର୍ଡ ପାଇଁ ଆୟସୀମାକୁ ବୃଦ୍ଧି କରାଯିବା ପ୍ରସ୍ତାବକୁ ମଧ ମଞ୍ଜୁରୀ ମିଳିଛି। କ୍ୟାବିନେଟ୍ ବୈଠକ ପରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଗଣମାଧମ ପ୍ରତିନିଧିଙ୍କୁ କ୍ୟାବିନେଟ୍ ନିଷ୍ପତ୍ତି ସଂକ୍ରାନ୍ତରେ ବିଶଦ ସୂଚନା ଦେଇଥିଲେ।

ଶୁକ୍ରବାର ସନ୍ଧ୍ୟାରେ ରାଜ୍ୟ କ୍ୟାବିନେଟ୍ ଆଜି ଏହି ପ୍ରସ୍ତାବକୁ ଅନୁମୋଦନ କରିବା ସହ ମୋଟ ୮ଟି ବିଭାଗର ୧୧ଟି ପ୍ରସ୍ତାବକୁ ମଧ ମଞ୍ଜୁରୀ ଦେଇଛନ୍ତି । ଗ୍ରାମାଂଚଳରେ ମାସିକ ୧୫ହଜାର ଓ ସହରାଂଚଳରେ ୨୦ହଜାର ଟଙ୍କା ପର୍ଯ୍ୟନ୍ତ ଉପାର୍ଜନ କରୁଥିବା ପରିବାର ଖାଦ୍ୟ ସୁରକ୍ଷା ଯୋଜନାର ସୁବିଧା ପାଇପାରିବେ ।

ଓଡ଼ିଶାରେ ସୋଲାର ସେଲ୍ ମାନ୍ୟୁଫାକଚରିଂ ପ୍ଲାଣ୍ଟ ନିର୍ମାଣ କରିବ ଟାଟା ପାୱାର । ପ୍ରାୟ ୧୦ହଜାର କୋଟି ଟଙ୍କା ବ୍ୟୟରେ ଏହି ପ୍ରକଳ୍ପ ଦ୍ୱାରା ୫ହଜାରରୁ ଅଧିକ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ରାଜ୍ୟ କ୍ୟାବିନେଟ୍ ଆଜି ଏହି ପ୍ରସ୍ତାବକୁ ଅନୁମୋଦନ କରିବା ସହ ମୋଟ ୮ଟି ବିଭାଗର ୧୧ଟି ପ୍ରସ୍ତାବକୁ ମଧ ମଞ୍ଜୁରୀ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ବୈଠକରେ ପର୍ଯ୍ୟଟନ ନୀତିରେ ସଂଶୋଧନ ସହ ରାସନ କାର୍ଡ ପାଇଁ ଆୟସୀମାକୁ ମଧ ବୃଦ୍ଧି ପ୍ରସ୍ତାବକୁ ଅନୁମୋଦନ ମିଳିଛି । ଏହି ବୈଠକ ପରେ ମୁଖ୍ୟ ସଚିବ ଅନୁ ଗର୍ଗ ଗଣମାଧମକୁ କ୍ୟାବିନେଟ୍ ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇଥିଲେ ।

ସେ କହିଥିଲେ ରାଜ୍ୟରେ ଅକ୍ଷୟ ଶକ୍ତି ଓ ସବୁଜ ଶିଳ୍ପାୟନକୁ ପ୍ରୋତ୍ସାହନ ଦେବା ପାଇଁ ରାଜ୍ୟ କ୍ୟାବିନେଟ୍ ଟାଟା ପାୱାର ନବୀକରଣୀୟ ଶକ୍ତି ଲିମିଟେଡର(ଟିପିଆରଇଏଲ) ଏକ ବୃହତ୍ ସୋଲାର ସେଲ୍ ମାନ୍ୟୁଫାକଚରିଂ ନିର୍ମାଣ ପ୍ରକଳ୍ପକୁ ଅନୁମୋଦନ କରିଛନ୍ତି । ପ୍ରାୟ ୧୦ହଜାର କୋଟି ଟଙ୍କା ପୁଞ୍ଜିନିବେଶ ମାଧମରେ ଗଞ୍ଜାମ ଜିଲ୍ଲାର ଟାଟା ସ୍ୱତନ୍ତ୍ର ଅର୍ଥନୈତିକ କ୍ଷେତ୍ର ଠାରେ (ପୃଷ୍ଠା ୭ରେ)



■ ଟାଟା ପାୱାର ୧୦ ହଜାର କୋଟି ବ୍ୟୟରେ କରିବ ସୋଲାର ସେଲ୍ ମାନ୍ୟୁଫାକଚରିଂ ପ୍ଲାଣ୍ଟ, ୫ ହଜାରରୁ ଅଧିକ ନିଯୁକ୍ତି ସୁଯୋଗ
■ ପର୍ଯ୍ୟଟନ ନୀତିରେ ସଂଶୋଧନ
■ ରାସନକାର୍ଡ ହିତାଧିକାରୀଙ୍କ ଆୟସୀମା ବୃଦ୍ଧି

# ଚଳିତ ମାସରେ ହିତାଧିକାରୀଙ୍କୁ ମିଳିବ ୧୦ ଲକ୍ଷ ଆବାସ

**ଭୁବନେଶ୍ୱର, ୯ ।୧**
**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟ ସରକାର ଗରିବ ଓ ଗୃହହୀନ ଲୋକଙ୍କୁ ନୂଆବର୍ଷ ଉପହାର ଦେଇଛନ୍ତି। ଚଳିତ ଜାନୁଆରୀ ମାସରେ ୧୦ ଲକ୍ଷ ହିତାଧିକାରୀଙ୍କୁ ପକ୍କା ଘର ମିଳିବ। ଏହି ସୂଚନା ଦେଇଛନ୍ତି ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ବିଭାଗ ମନ୍ତ୍ରୀ ରବିନାରାୟଣ ନାୟକ। ସେ କହିଛନ୍ତି ରାଜ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପାଇଁ ୩୭ ଲକ୍ଷ ଆବେଦନ ହୋଇଛି । ସେ ମଧ୍ୟରୁ ୩୪ ଲକ୍ଷଙ୍କୁ ସର୍ଟଲିଷ୍ଟ କରାଯାଇ କେନ୍ଦ୍ର ସରକାରଙ୍କୁ ତାଲିକା ଦିଆଯାଇଛି ।



ପୂର୍ବରୁ ପଞ୍ଚାୟତିରାଜ ମନ୍ତ୍ରୀ ଘୋଷଣା କରି କହିଥିଲେ, ଆଉ ରହିବନି ବିଜୁ ପକ୍କା ଘର ସ୍କିମ । ସମସ୍ତଙ୍କୁ ମିଳିବ ଘର । କୌଣସି ଯୋଗ୍ୟ ହିତାଧିକାରୀ ସରକାରୀ ଆବାସରୁ ବଞ୍ଚିତ ହେବେ ନାହିଁ । ଅନ୍ୟପଟେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଯୋଗ୍ୟତା ମାପଦଣ୍ଡକୁ କୋହଳ କରିଛନ୍ତି ସରକାର। ସର୍ବାଧିକ ମାସିକ ଆୟ ୧୦ ହଜାରରୁ ୧୫ ହଜାରକୁ ବଢ଼ାଇଛନ୍ତି। ସେହିପରି ପୂର୍ବ ମାପଦଣ୍ଡରେ ଅନେକ ପରିବର୍ତ୍ତନ କରିଛନ୍ତି।

ପୂର୍ବରୁ ହିତାଧିକାରୀଙ୍କ ପରିବାରର ସର୍ବାଧିକ ମାସିକ ଆୟ ୧୦ ହଜାର ରଖାଯାଇଥିଲା । ଏହାକୁ ବଢ଼ାଇ ୧୫ ହଜାର କରାଯାଇଛି । ଦୁଇ ଚକିଆ ଯାନ, ଫ୍ରିଜ , ଲ୍ୟାଣ୍ଡ ଫୋନ ଥିଲେ ବି ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପାଇଁ ଯୋଗ୍ୟ ବିବେଚିତ ହୋଇପାରିବେ । (ପୃଷ୍ଠା ୭ରେ)

## ଓଗ୍ରୀ ପୋର୍ଟାଲ'ର ଶୁଭାରମ୍ଭ କଲେ ଉପମୁଖ୍ୟମନ୍ତ୍ରୀ

# ୨୦୧ଟି ଗ୍ରୀଡ୍ ସମ୍ପର୍କିତ ସମସ୍ତ ତଥ୍ୟ ଉପଲବ୍ଧ ରହିବ

**ଭୁବନେଶ୍ୱର, ୯ ।୧**
**ନ୍ୟୁଜ୍ ବ୍ୟୁରୋ**

ଲୋକସେବା ଭବନ ଠାରେ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ, (ଶକ୍ତି ଏବଂ କୃଷି ଓ କୃଷକ ସଶକ୍ତିକରଣ ବିଭାଗ) କନକ ବର୍ଦ୍ଧନ ସିଂହଦେଓ ଶୁକ୍ରବାର ଓପିଟିସିଏଲ୍ ଦ୍ୱାରା ନିର୍ମିତ ଓଡ଼ିଶା ଗ୍ରୀଡ୍ ଇନସାଇଟ୍‌ର ଶୁଭାରମ୍ଭ କରିଛନ୍ତି । ରାଜ୍ୟରେ ଥିବା ୨୦୧ଟି ଗ୍ରୀଡ୍ ସମ୍ପର୍କିତ ସମସ୍ତ ଭୌଗଳିକ ଏବଂ ବୈଷୟିକ ତଥ୍ୟ ଏହି ୱେବସାଇଟରେ ଉପଲବ୍ଧ ରହିବ। ଗ୍ରୀଡ୍‌ର ଟ୍ରାନ୍ସଫରମେସନ କ୍ଷମତା, ବିଦ୍ୟୁତ୍ ଉପଲବ୍ଧତା, ବର୍ତ୍ତମାନ କେତେ ଲୋଡ ରହିଛି ଆଉ କେତେ ଅଧିକ ନେଇ ହେବ ଏପରି ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସହଜରେ ସମସ୍ତଙ୍କ ପାଖେ ଉପଲବ୍ଧ ହେବ। ଏହି ୱେବସାଇଟ ପୁଞ୍ଜି ନିବେଶକ ତଥା ଶିଳ୍ପାନୁଷ୍ଠାନମାନଙ୍କୁ ରାଜ୍ୟର ବିଭିନ୍ନ ସ୍ଥାନରେ ବିଦ୍ୟୁତ୍ ଉପଲବ୍ଧତା ସମ୍ପର୍କରେ ପ୍ରମାଣିକ ସୂଚନା ପ୍ରଦାନ କରି ନିବେଶ ନିଷ୍ପତ୍ତି ନେବାରେ ବେଶ ସହାୟକ ହେବ ।

ଗ୍ରୀଡ୍ ସବଷ୍ଟେସନରେ ଉପଲବ୍ଧତା ସମ୍ପର୍କରେ ଏପରି ସ୍ୱଚ୍ଛତା ରଖିବାରେ ଓଡ଼ିଶା ରାଜସ୍ଥାନ ପରେ ଦ୍ୱିତୀୟ ରାଜ୍ୟ । ଏହି ୱେବସାଇଟ ସରକାରୀ ବିଭାଗ ଓ ନୀତିନିର୍ଦ୍ଧାରକମାନଙ୍କୁ କୌଶଳଗତ ନିଷ୍ପତ୍ତି ନେବାରେ ସହାୟତା କରିବା ସହିତ ରାଜ୍ୟର ବିଦ୍ୟୁତ୍ ସରବରାହ ବ୍ୟବସ୍ଥାର ସମନ୍ୱୟ ରକ୍ଷା କରିବା ପାଇଁ ଏକ ଭରସାଯୋଗ୍ୟ ଡିଜିଟାଲ ପ୍ଲାଟଫର୍ମ ଭାବେ କାର୍ଯ୍ୟ କରିବ । ଏହି ପଦକ୍ଷେପ ରାଜ୍ୟ ସରକାରଙ୍କ ଶିଳ୍ପ ନୀତିର ମୂଳ ଆଧାର ଭାବେ ଥିବା ସ୍ୱଚ୍ଛତା ଏବଂ ବ୍ୟବସାୟ କରିବାର ସହଜ ମନ୍ତ୍ରକୁ ସ୍ପଷ୍ଟଭାବେ ପ୍ରତିଫଳିତ କରେ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ପ୍ରକାଶ କରିଥିଲେ ।

ଏହି ଅବସରରେ ଓପିଟିସିଏଲ୍ ର ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଭାସ୍କର ଜ୍ୟୋତି ଶର୍ମା ଏବଂ ଓପିଟିସିଏଲ୍‌ର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ ।




## ଆଜିର ମୁଖ୍ୟ ଖବର

- କିଛି ସହରରେ ବାୟୁ ଗୁଣମାନ ଖରାପ ହେଲା।
- ଘନ କୁହୁଡ଼ି ଓ ଶୀତରେ ସାଧାରଣ ଜୀବନ ଅସ୍ତବ୍ୟସ୍ତ।
- ଶୀତ ପାଇଁ ରାଜ୍ୟରେ ବିଦ୍ୟାଳୟ ସମୟ ପରିବର୍ତ୍ତନ।
- ବାଲେଶ୍ୱରରେ ବିଦ୍ୟାଳୟରେ ଦୁର୍ଘଟଣା, ଛାତ୍ରର ମୃତ୍ୟୁ।
- ପୁରୀ ସମୁଦ୍ରତଟ ନିକଟରେ ଯୁବକଙ୍କୁ ହତ୍ୟା।
- ଚିଲିକା ପକ୍ଷୀ ଉତ୍ସବ ଉଦ୍‌ଘାଟିତ।
- ପିୟୁସିସି ପ୍ରସଙ୍ଗରେ ସରକାରଙ୍କୁ ଉଚ୍ଚ ଅଦାଲତ ଝଟକା।
- ପ୍ୟାରିସରେ ଫ୍ରାନ୍ସ ରାଷ୍ଟ୍ରପତି ମେକ୍ରୋଙ୍କୁ ସାକ୍ଷାତ କଲେ ଭାରତୀୟ ବୈଦେଶିକ ମନ୍ତ୍ରୀ ଜୟଶଙ୍କର।
- ସଡ଼କ ଦୁର୍ଘଟଣାରେ ଆହତଙ୍କ ଚିକିତ୍ସା ପାଇଁ ସରକାର ଦେବେ ଦେଢ଼ ଲକ୍ଷ: ଲାଗୁ ହେବ ପିଏମ୍-ରାହତ ଯୋଜନା।

# ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ସତ୍ତ୍ୱାଧିକାର ନେଇ ଆଇନ ମନ୍ତ୍ରୀଙ୍କୁ ଅନ୍ତରୀଣ ରିପୋର୍ଟ ପ୍ରଦାନ

**ଭୁବନେଶ୍ୱର, ୯ ।୧**
**ନ୍ୟୁଜ୍ ବ୍ୟୁରୋ**

ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ନୀତିକାନ୍ତି, ସେବାପୂଜା, ବିଧି ଏବଂ ପର୍ବପର୍ବାଣୀକୁ ଶୃଙ୍ଖଳିତ କରିବା ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶରେ ମନ୍ଦିରର ରେକର୍ଡ ଅଫ୍ ରାଇଟସ୍ (ସତ୍ତ୍ୱଲିପି)ର ଅନୁଧ୍ୟାନ ଓ ବିଶ୍ଳେଷଣ କରିବା ପାଇଁ ଗଠିତ ହୋଇଥିବା ଦୁଇଜଣିଆ କମିଟି ଶୁକ୍ରବାର ଅପରାହ୍ନରେ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ଅନ୍ତରୀଣ (ପୃଷ୍ଠା ୭ରେ)



# ୬୩ ମାଓବାଦୀଙ୍କ ଆତ୍ମ ସମର୍ପଣ




**ମାଲକାନଗିରି, ୯ ।୧**
**ନ୍ୟୁଜ୍ ବ୍ୟୁରୋ**

ମାଓମୁକ୍ତ ଦେଶ ଗଠନ ଦିଗରେ ଆଉ ଏକ ବଡ଼ ଖବର । ଏକାବେଳେ ଆତ୍ମ ସମର୍ପଣ କଲେ ୬୩ ମାଓବାଦୀ । ମାଓମୁକ୍ତ ଅଭିମୁଖେ ଗତି କରୁଛି ଦେଶ । ଗତ କିଛିଦିନ ମଧ୍ୟରେ ଅନେକ ମାଓବାଦୀ ଶୁକ୍ରବାର ୬୩ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି । ଶୁକ୍ରବାର ଛତିଶଗଡ଼ ଦାନ୍ତେୱାଡାରେ ୬୩ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି । ସେମାନଙ୍କ ମଧ୍ୟରେ ୪୫ପୁରୁଷ ଓ ୧୮ଜଣ ମହିଳା ମାଓବାଦୀ ଅଛନ୍ତି । ଆତ୍ମ ସମର୍ପଣ କରିଥିବା ମାଓବାଦୀଙ୍କ ମଧ୍ୟରେ କଳାହାଣ୍ଡି ଏରିଆ ସଚିବ (ପୃଷ୍ଠା ୭ରେ)

## ସବୁସ୍ତରରେ ଉତ୍କର୍ଷତା ହାସଲ କରିବା ଆମର ଲକ୍ଷ୍ୟ

# ୪୭ଟି ଆଇଟିଆଇ ହେବ ସେଣ୍ଟର ଅଫ୍ ଏକ୍ସିଲେନ୍ସ

**ଭୁବନେଶ୍ୱର, ୯ ।୧**
**ନ୍ୟୁଜ୍ ବ୍ୟୁରୋ**

ଓଡିଶାରେ ଏବେ ବ୍ୟାପକ ଶିଳ୍ପାୟନ ପ୍ରକ୍ରିୟା ଆରମ୍ଭ ହୋଇଛି। ନିଜକୁ କୌଣସି କ୍ଷେତ୍ରରେ ଦକ୍ଷ କରାନ୍ତୁ, ଦେଖିବେ ଆମରି ଓଡିଶାରେ ହିଁ ଆପଣଙ୍କୁ ନିଯୁକ୍ତି ମିଳିବ କାରଣ ଦକ୍ଷତା କ୍ଷେତ୍ରର ସମସ୍ତ ସ୍ତରରେ ଉତ୍କର୍ଷତା ହାସଲ କରିବା ହେଉଛି ଆମର ଲକ୍ଷ୍ୟ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ଓଡିଶା ଦକ୍ଷତା ପ୍ରତିଯୋଗିତା ୨୦୨୫-୨୬ର ସମାପନୀ ସମାରୋହରେ ରାଜ୍ୟର ଦକ୍ଷ ଓ ଯୁବ କୁଶଳୀ ଛାତ୍ରଛାତ୍ରୀ ମାନଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ।

ଏହି ଦକ୍ଷତା ପ୍ରତିଯୋଗିତାରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ଛାତ୍ରଛାତ୍ରୀମାନଙ୍କ ମଧ୍ୟରୁ ୫୪ ଜଣଙ୍କୁ ସ୍ୱର୍ଣ୍ଣ, ୫୩ ଜଣଙ୍କୁ ରୌପ୍ୟ ଏବଂ ୫୦ ଜଣଙ୍କୁ ବ୍ରୋଞ୍ଜ ପଦକ ଦେଇ ମୁଖ୍ୟମନ୍ତ୍ରୀ ପୁରସ୍କୃତ କରିଥିଲେ। ସ୍ୱର୍ଣ୍ଣ ବିଜେତା ମାନଙ୍କୁ ୨୫ ହଜାର, ରୌପ୍ୟ ବିଜେତାଙ୍କୁ ୨୦ ହଜାର ଏବଂ ବ୍ରୋଞ୍ଜ ବିଜେତାଙ୍କୁ ୧୫ ହଜାର ଟଙ୍କା କ୍ୟାସ୍ ପ୍ରାଇଜ ଓ ମାନପତ୍ର ଦିଆଯାଇଥିଲା।

ସେ ପୁଣି କହିଥିଲେ ରାଜ୍ୟର ଦୀର୍ଘସ୍ଥାୟୀ ବିକାଶ ପାଇଁ ଏବଂ (ପୃଷ୍ଠା ୭ରେ)




## ଦୁର୍ଘଟଣାରେ ମୃତକଙ୍କ ପରିବାର ପାଇଁ ମୁଖ୍ୟମନ୍ତ୍ରୀଙ୍କ ସହାୟତା ଘୋଷଣା

**ଭୁବନେଶ୍ୱର, ୯ ।୧**
**ନ୍ୟୁଜ୍ ବ୍ୟୁରୋ**

ବାଲେଶ୍ୱର ଜିଲ୍ଲା ବାଲିଆପାଳ ତହସିଲର ପ୍ରହଲ୍ଲାଦ ଧଳ (ପିତା- ପ୍ରମୋଦ ଧଳ)ଙ୍କର ଦୁଃଖଦ ଦୁର୍ଘଟଣାରେ ପ୍ରାଣହାନି ସମ୍ପର୍କରେ ଜାଣି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି।

ସେହିପରି ସମ୍ବଲପୁର ସଦର ତହସିଲର ମୁକେଶ ବାଗ (ପିତା- ସ୍ୱର୍ଗତ ରଜନୀ ବାଗ) ଏବଂ ବିଦ୍ଧାର୍ଥ ସାହୁ (ପିତା- ମଦନ ସାହୁ)ଙ୍କର ଦୁଃଖଦ ଦୁର୍ଘଟଣାରେ ପ୍ରାଣହାନି ସମ୍ପର୍କରେ ଜାଣି ମୁଖ୍ୟମନ୍ତ୍ରୀ ଗଭୀର ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି। (ପୃଷ୍ଠା ୭ରେ)

## ସୁନା ଦର

| | |
|---|---|
| ୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ | ୧୩,୯୩୧ (+୧୩୧) |
| ୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ | ୧୨,୭୭୦ (+୧୨୦) |
| ୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ | ୧୦,୪୪୮ (+୯୮) |

## ରୁପା ଦର

ରୁପା – ପ୍ରତି ଗ୍ରାମ ୨୬୮ (-୪)

## ଏକାଳ ପଖାଳ



ବିଭାଗ ଗୋଟେକୁ ମନ୍ତ୍ରୀ ଗୋଟି କଥା
ଜନେ ହନ୍ତସନ୍ତ ଖାଲି
ସାର୍ଟିଫିକେଟ ଓ ଗ୍ରୀନ୍ ଷ୍ଟିକର
ଲାଗୁଅଛି ଚୋରାବାଲି
କହୁଛ ଅବଧି ଦେଲି
ପୁଣି ଫାଇନ୍ ଗଣିଗଣି ଲୋକେ
କହୁଛନ୍ତି ମଲି ମଲି।

# ଆମେରିକା-ଭାରତ ବାଣିଜ୍ୟ ଚୁକ୍ତି ଉପରେ ଟ୍ରମ୍ପଙ୍କ ସହ ୮ଥର କଥା ହୋଇଥିଲେ ପ୍ରଧାନମନ୍ତ୍ରୀ




**ନୂଆଦିଲ୍ଲୀ, ୯ ।୧**

ଆମେରିକା ଏବଂ ଭାରତ ମଧ୍ୟରେ ଚାଲିଥିବା ବାଣିଜ୍ୟ ଚୁକ୍ତି ଆଲୋଚନା ସମ୍ପର୍କରେ ଆମେରିକା ବାଣିଜ୍ୟ ସଚିବ ହାୱାର୍ଡ ଲୁଟନିକଙ୍କ ବିବୃତି ଚର୍ଚ୍ଚା ବଢ଼ାଇଛି। ସେ ଦାବି କରିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବାଣିଜ୍ୟ ଚୁକ୍ତି ସମ୍ପର୍କରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଫୋନ୍ କରି ନାହାଁନ୍ତି, ଯେଉଁଥି ପାଇଁ ଏହି ଚୁକ୍ତି ହୋଇପାରିନାହିଁ। ଅନ୍ୟପଟରେ ଲୁଟନିକଙ୍କ ଏହି ଯୁକ୍ତିକୁ ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ ପ୍ରତ୍ୟାଖ୍ୟାନ କରିଛି। ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ମୋଦୀ ଟ୍ରମ୍ପଙ୍କ ସହ ଆଠ ଥର କଥା ହୋଇଛନ୍ତି।

ଆମେରିକାର ବାଣିଜ୍ୟ ସଚିବ ହାୱାର୍ଡ ଲୁଟନିକଙ୍କ ବିବୃତି ସମ୍ପର୍କରେ ବୈଦେଶିକ ମନ୍ତ୍ରଣାଳୟ କହିଛି, ଭାରତ ଏବଂ ଆମେରିକା ଗତ ବର୍ଷ ଫେବ୍ରୁଆରି ମାସରୁ ଏକ ବାଣିଜ୍ୟ ଚୁକ୍ତି ପାଇଁ ଆଲୋଚନା କରୁଛନ୍ତି। ଉଭୟ ପକ୍ଷ ଅନେକ ପର୍ଯ୍ୟାୟ ଆଲୋଚନା କରିଛନ୍ତି। ରିପୋର୍ଟ ହୋଇଥିବା ମନ୍ତବ୍ୟରେ ଦିଆଯାଇଥିବା ଏହି ଆଲୋଚନାର ବିବରଣୀ (ହାୱାର୍ଡ ଲୁଟନିକଙ୍କ ବିବୃତି) ସତ୍ୟ ନୁହେଁ। ଆମେ ଏହି ଚୁକ୍ତି ସମାପ୍ତ (ପୃଷ୍ଠା ୭ରେ)

# ଶୀତରେ ଥରୁଛି ସାରା ଓଡ଼ିଶା ଶିମିଳିପାଳରେ ଶୂନ ଡିଗ୍ରୀ

**ଭୁବନେଶ୍ୱର, ୯ ।୧**
**ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶାର ଦାର୍ଜିଲିଂ କୁହାଯାଉଥିବା କନ୍ଧମାଳ ଜିଲ୍ଲାର ଘୁ.ଉଦୟଗିରିରେ ଶୀତ ଲହରୀ ଏବଂ ତୁଷାରପାତ ଜାରି ରହିଛି। ଶୁକ୍ରବାର ପୁଣି ସ୍ଥାନୀୟ ଅଞ୍ଚଳର ବିଭିନ୍ନ ସ୍ଥାନରେ ତୁଷାରପାତ ହୋଇଥିବା ଦୃଶ୍ୟ ଦେଖିବାକୁ ମିଳିଛି। ତାପମାତ୍ରା ୨.୬ଡିଗ୍ରୀ ରେକର୍ଡ କରାଯାଇଛି। କିଛି ଦିନ ହେଲା ପାରଦ ତଳମୁହାଁ ହେବା ସହ ହାଡ଼ଭଙ୍ଗା ଶୀତ ଅନୁଭୂତ ହେଉଛି। ଶୀତ କଲବଲ କରୁଛି। ହାଡ଼ଭଙ୍ଗା ଶୀତରେ ସ୍ଥାନୀୟ ଅଞ୍ଚଳବାସୀ ଅସ୍ତବ୍ୟସ୍ତ। ସଞ୍ଜ ନଇଁଲେ ଶୀତର ପ୍ରକୋପ ବଢ଼ିବା ସହ ବଜାର ରାସ୍ତାଘାଟ ଜନଶୁନ୍ୟ ହୋଇଯାଉଛି। କିଛି ସ୍ଥାନରେ ନିଆଁ ଲଗେଇ ଲୋକ ଭିଡ଼ ଜମାଉଥିବା ଦୃଶ୍ୟ ଦେଖିବାକୁ ମିଳୁଛି।

ସେଇଭଳି ଭୋରରୁ ଲୋକ ସକାଳ ଭ୍ରମଣରେ ଯାଉଥିବା (ପୃଷ୍ଠା ୭ରେ)



ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ସାଇବର ଆକ୍ରମଣରେ ଏବେ ଚୀନ୍ ଟାର୍ଗେଟରେ ରହିଛି ତାଇୱାନ

ଟେକ୍ନୋଲୋଜି ଜଗତରେ ବିଶ୍ୱର ପ୍ରମୁଖ ଦେଶମାନଙ୍କ ମଧ୍ୟରେ ରହିଛି ଚୀନ୍ । ସାଇବର ଆକ୍ରମଣରେ ଏବେ ଚୀନ୍ ଟାର୍ଗେଟ ରହିଛି ତାଇୱାନ । ତାଇୱାନ ଉପରେ ହୋଇଥିବା ସାଇବର ଆଟାକର ରିପୋର୍ଟ ଆପଣଙ୍କୁ ଆଶ୍ଚର୍ଯ୍ୟ କରିଦେବ । ମିଡିଆ ରିପୋର୍ଟ ଅନୁଯାୟୀ, ୨୦୨୫ ମସିହାରେ ଚୀନ୍ ଦୈନିକ ତାଇୱାନ ଉପରେ ହାରାହାରି ୨୬ ଲକ୍ଷ ସାଇବର ଆକ୍ରମଣ କରିଥିଲା । ଏହା ୨୦୨୩ ତୁଳନାରେ ୧୧୩ ପ୍ରତିଶତ ଅଧିକ । ଚୀନ୍ ତାଇୱାନ ଉପରେ ଡିଷ୍ଟ୍ରିବ୍ୟୁଟେଡ୍ ଡିନାଏଲ୍-ଅଫ୍-ସର୍ଭିସ୍ (DDoS) ଆଟାକ କରୁଛି । ଏହି DDoS ଆଟାକ କ'ଣ ? ଗୋଟିଏ ଦେଶ ଉପରେ DDoS ଆଟାକ କ'ଣ ପ୍ରଭାବ ପକାଇଥାଏ ? ଆସନ୍ତୁ ଜାଣିବା । ରିପୋର୍ଟ ଅନୁଯାୟୀ, ତାଇୱାନ ଉପରେ ଯେଉଁ ସାଇବର ଆକ୍ରମଣ ହେଉଛି, ଏହି ଆକ୍ରମଣ ଚୀନ ନିଜ ସାମରିକ ଅଭ୍ୟାସ ସହିତ ସଂଯୁକ୍ତ ଭାବେ କରୁଥିବା ତାଇୱାନ ଅଭିଯୋଗ କରିଛି । ଗତ କିଛି ବର୍ଷ ଧରି ଚୀନ 'ହାଇବ୍ରିଡ୍ ଯୁଦ୍ଧ' ସହିତ ତାଇୱାନକୁ ଟାର୍ଗେଟ୍ କରିଆସୁଛି । ୨୦୧୩ ତୁଳନାରେ ସାଇବର ଆକ୍ରମଣ ୧୧୩ ପ୍ରତିଶତ ବୃଦ୍ଧି ପାଇଛି । ତାଇୱାନର ଜରୁରୀକାଳୀନ ସେବା ଏବଂ ହସ୍ପିଟାଲଗୁଡ଼ିକୁ ସର୍ବାଧିକ ଟାର୍ଗେଟ୍ କରାଯାଇଛି । ରିପୋର୍ଟରେ କୁହାଯାଇଛି ଯେ, ଚୀନ ସାଇବର ଆକ୍ରମଣ ମାଧ୍ୟମରେ ତାଇୱାନକୁ ପ୍ରଯୁକ୍ତିବିଦ୍ୟା ଭାବରେ ବିପର୍ଯ୍ୟସ୍ତ କରିବାକୁ ଯୋଜନା କରୁଛି । ରିପୋର୍ଟ ଅନୁଯାୟୀ, ଚୀନ୍ ଏକ ସାଇବର ସେନା ସୃଷ୍ଟି କରିଛି ଯାହା ଏହାର ସେନା ଏବଂ ସରକାରଙ୍କ ସହଯୋଗରେ କାମ କରେ । ରିପୋର୍ଟରେ କୁହାଯାଇଛି ଯେ, ଯେତେବେଳେ ବି ଚୀନ୍ ତାଇୱାନ ପାଖରେ ତାର ସାମରିକ ବିମାନ ମୁତୟନ କରିଛି, ତାଇୱାନ ସାଇବର ଆକ୍ରମଣର ସମ୍ମୁଖୀନ ହୋଇଛି । DDoSର ଅର୍ଥ 'ଡିଷ୍ଟ୍ରିବ୍ୟୁଟେଡ୍ ଡିନାଏଲ୍ ଅଫ୍ ସର୍ଭିସ୍ ଆଟାକ୍' । ଏହା ଏକ ପ୍ରକାରର ସାଇବର ଆଟାକ୍, ଯେଉଁଥିରେ ହ୍ୟାକର୍ସମାନେ ସେମାନଙ୍କର ବଟ୍ କିମ୍ବା ବହୁ ସଂଖ୍ୟକ କମ୍ପ୍ୟୁଟର ବ୍ୟବହାର କରି କୌଣସି ଏକ ୱେବସାଇଟ୍ ଟାର୍ଗେଟ୍ କରନ୍ତି । ଏହି ୱେବସାଇଟଟି କୌଣସି ଏକ ହସ୍ପିଟାଲ, ସରକାରୀ ବିଭାଗ କିମ୍ବା ଅନ୍ୟ କୌଣସି ସଂସ୍ଥା ସହିତ ଜଡ଼ିତ ହୋଇପାରେ । ହଠାତ୍ କୌଣସି ୱେବସାଇଟରେ ଲୋଡ୍ ଅଧିକ ହେଲେ ଏହାକୁ ପରିଚାଳନା କରିବା ସମ୍ଭବ ହୋଇନଥାଏ, ଫଳରେ ସାଧାରଣ ଲୋକ ଏହାକୁ ଆକ୍ସେସ୍ କରିପାରିବେ ନାହିଁ । DDoS ଏକ ୱେବସାଇଟର କାର୍ଯ୍ୟକୁ ବାଧା ଦେଇ ଏହାର ସେବାଗୁଡ଼ିକୁ ପ୍ରତିରୋଧ କରିବାକୁ ଚେଷ୍ଟା କରେ । ସାଧାରଣ ଲୋକଙ୍କ କାମରେ ଅସୁବିଧା ସୃଷ୍ଟି କରିବା ପାଇଁ କରିବା ଲାଗି DDoSର ବ୍ୟବହାର କରାଯାଏ । DDoS ଆଟାକ୍ ବ୍ୟତୀତ, ଚୀନ୍ ତାଇୱାନକୁ ମେନ୍ ଇନ୍-ଦ-ମିଡିଲ ଆଟାକରେ ମଧ୍ୟ ଟାର୍ଗେଟ୍ କରୁଛି । ଏହା ମଧ୍ୟ ଏକ ପ୍ରକାରର ସାଇବର ଆକ୍ରମଣ । ଏହି ଆକ୍ରମଣରେ, ଜଣେ ସାଇବର ଅପରାଧୀ ଏକ ୱେବସାଇଟରେ ଦୁଇଜଣ ଲୋକଙ୍କ ମଧ୍ୟରେ ହେଉଥିବା କଥାବାର୍ତ୍ତାକୁ ଶୁଣେ ଏବଂ ସେମାନଙ୍କଠାରୁ ତଥ୍ୟ ହାସଲ କରେ । ଏହା ମାଧ୍ୟମରେ ସାଇବର ଆଟାକରମାନେ ବ୍ୟକ୍ତିଗତ ସୂଚନା ଚୋରି କରିବାକୁ ଚେଷ୍ଟା କରନ୍ତି ।

# ବଧୂ ବିଦେଶିନୀ–୪୬

## କଳିଙ୍ଗ ଓ ଯବଦେଶ (ଜାଭା) ବିଷୟକ ଇତିହାସ ଓ କଳ୍ପନା ମିଶ୍ରିତ ଉପନ୍ୟାସ

## ୬୬. ଶୈଳେନ୍ଦ୍ର– ସଞ୍ଜୟ ବିବାଦ ଓ ପରିଣତି



ଦୁର୍ଗାଚରଣ ସାହୁ
ଆଇଏଏସ୍, (ଅବସରପ୍ରାପ୍ତ)
ବିଜେବି ନଗର,
ଭୁବନେଶ୍ୱର
ମୋ : ୮୯୮୪୬୫୫୩୦୩

*ଏହି ବଧୂ ବିଦେଶିନୀର ପରିସମାପ୍ତି ନିକଟରେ ହେବାକୁ ଯାଉଛି । ବୋଧହୁଏ, ଦୁଇ ମାସ ମଧ୍ୟରେ ଏହା ସମ୍ପୂର୍ଣ୍ଣ ହେବା ପରେ ପୁସ୍ତକ ଆକାରରେ ପ୍ରକାଶ ପାଇବ ।*

*ପାଠକମାନଙ୍କ ଅନୁରୋଧକ୍ରମେ ଲେଖକ ଗୀତିଭିତ୍ତିକ କାବ୍ୟ ଲିଖନରୁ ବିରତି ଲାଭ କରି ଏହା ପ୍ରଥମ ଗଦ୍ୟଭିତ୍ତିକ କାବ୍ୟ ବା ଉପନ୍ୟାସର ରଚନା କରିଥିଲା । ଅନେକ ପାଠକ ଏ ପୁରାତନ ଶୈଳିର ରଚନାକୁ ନିୟମିତ ଭାବେ 'ସମ୍ବାଦ କଳିକା'ରୁ ପଠନ କରୁଥିବା ବିଷୟରେ ଜ୍ଞାତ ହେଲେ ମନରେ ଆନନ୍ଦ ଆସେ । ଅନେକ କହିଛନ୍ତି ଯେ ଏହା ଉପରେ ଏକ ପ୍ରାଚୀନ ଲୋକପ୍ରିୟ ଐତିହାସିକ ଚଳଚ୍ଚିତ୍ର ନିର୍ମାଣ କରାଯାଇପାରିବ ଓ ଓଡିଆ ଅସ୍ମିତାର ପରିଚାୟକ ହୋଇଥିବାରୁ ଏହା ବିଶେଷ ଆଦୃତି ଲାଭ କରିବ । ଏହି ଧାରାବାହିକ ଉପନ୍ୟାସ ସମାପ୍ତ ହେଲେ ଲେଖକ ପୁନଃ ତା'ର ରୀତିଯୁଗୀୟ ପଦ୍ୟ ରଚନା ପଥରେ ଅଗ୍ରସର ହେବ । ପ୍ରଚେଷ୍ଟା ଯେ କାବ୍ୟର ପ୍ରତ୍ୟେକ ଗୀତର ପ୍ରତ୍ୟେକ ଧାଡି କେଉଁ ଏକ ଅକ୍ଷରରେ ଆରମ୍ଭ ହେବା ସଙ୍ଗେ ସଙ୍ଗେ ଆଉ ଅନେକ ପ୍ରକାରର କ୍ଲିଷ୍ଟ ନିୟମରେ ଅନୁବଂଧିତ ହୋଇ ଗୀତମାନଙ୍କ ସୌଷ୍ଠବ ବୃଦ୍ଧି କରିବ ।*

ସୁଖ ଓ ଦୁଃଖ ଏକ ମୁଦ୍ରାର ଦୁଇପାର୍ଶ୍ୱ ସଦୃଶ ପରସ୍ପରଠାରୁ ବିଚ୍ଛିନ୍ନ ନୁହଁନ୍ତି । ଏହିପରି ମୋ ଜୀବନ ବାଲ୍ୟକାଳରୁ କେବେ ହେଲେ ପ୍ରାୟତଃ ସୁଖ ବ୍ୟତୀତ କିଛି ଦେଇ ନ ଥିଲେ ମଧ୍ୟ ଦୁଃଖ ଯେ ଆସିବ ନାହିଁ ତାହା କଦାପି ସୁନିଶ୍ଚିତ ନ ଥିଲା । ଏହି ଦିନ ମୋର ପ୍ରେମ ବିବାହ ସମୟରେ ସାମୟିକ ଭାବେ ଆସିଥିଲା, ଯାହାର ନିବାରଣ ଧୈର୍ଯ୍ୟର ସହିତ ସଖୀ ସୁହାସିନୀର ସାହାଯ୍ୟରେ କରିପାରିଥିଲି । ପୁନଶ୍ଚ ଆସିଲା ବର୍ତ୍ତମାନ ଯେତେବେଳେ ମୋର ସୁଖଦ ଅଧ୍ୟାପିକା ଜୀବନ ମୋ ପତିଙ୍କ ସହ ଦ୍ୱିତୀୟ ବର୍ଷରେ ପଦାର୍ପଣ କଲା । କାଳ ଥିଲା ୮୫୦ ଖ୍ରୀଷ୍ଟାବ୍ଦ । ଆବିର୍ଭାବ ହେଲା ପୂର୍ବକଥିତ ସଞ୍ଜୟ ଶାସିତ ରାଜ୍ୟର ରାଜା ମୋ ପିଉସାଙ୍କ ଓ ଆମ୍ଭର ଶୈଳେନ୍ଦ୍ର ରାଜବଂଶଙ୍କ ଶାସିତରାଜ୍ୟ ମଧ୍ୟରେ ।

ପୂର୍ବରୁ କହିଅଛି ଯେ, ମୋ ପିତାମହ ମହାରାଜ ସମରତୁଙ୍ଗଙ୍କ ମୃତ୍ୟୁ ପରେ ମୋର ଜ୍ୟେଷ୍ଠପିତା ରାଜସିଂହାସନ ପ୍ରାପ୍ତ ହେବାରୁ ଆମ୍ଭର ପଡୋଶୀ ତଥା ମୋ ପିୟୁସା ପିକତନ ମୋ ପିୟୁସୀଙ୍କର ଅଧିକାର ତାହା ଉପରେ ରଖିଲେ ଓ ମୋ ପିୟୁସୀଙ୍କୁ ବଳପୂର୍ବକ ରାଜାସନରେ ବସାଇ ଆମ୍ଭ ରାଜ୍ୟରେ ଦ୍ୱୈତ ଶାସନ ଚଳାଇଥିଲେ । ଶାନ୍ତି ଚାହୁଁଥିବା ମୋର ଜ୍ୟେଷ୍ଠପିତା ଏହାକୁ କୌଣସି ମତେ ମାନିଗଲେ । ଏପରି ଖ୍ରଷ୍ଟାବ୍ଦ ୮୩୩ ରୁ ୮୫୦ ପର୍ଯ୍ୟନ୍ତ କିଛି କିଛି ସମସ୍ୟା ସହ ଚାଲିଥିଲା । କିନ୍ତୁ ବର୍ତ୍ତମାନ କାଳରେ ଏହା କରାଳରୂପ ନେଲା । ପିୟୁସା ଜ୍ୟେଷ୍ଠପିତାଙ୍କୁ ଗାଦିଚ୍ୟୁତ କରିବା ପାଇଁ ବାରମ୍ବାର ଆମ୍ଭ ରାଜ୍ୟକୁ ଆକ୍ରମଣ କଲେ ଓ ଅନେକ ସମସ୍ୟା ସୃଷ୍ଟି କଲେ । ଏ ସମୟ ତେଣୁ ଆମ୍ଭମାନଙ୍କପାଇଁ ଏକ ଦୁଃଖଦ ସମୟରେ ପରିଣତ ହେଲା । ଅନେକ ଆଶଙ୍କା ମଧ୍ୟରେ ଆମ୍ଭମାନଙ୍କୁ ଗତି କରିବାକୁ ହେଲା ।

ଏକଦିନ ଜ୍ୟେଷ୍ଠପିତା ଆମ୍ଭକୁ ଡକାଇଲେ । ଯାଇ ଦେଖିଲୁ ଯେ ଜ୍ୟେଷ୍ଠମାତା ଓ ମୋ ପିତାମାତା ସେଠାରେ ଅଛନ୍ତି । ଜ୍ୟେଷ୍ଠପିତା କହିଲେ,'' ପୁତ୍ର ଓ ପୁତ୍ରୀ, ତୁମ୍ଭେ ଦୁହେଁ ତ ବର୍ତ୍ତମାନର ବିବାଦ ଓ ସମସ୍ୟା ବିଷୟରେ ଅବଗତ ଅଛ । ଅଧିକ କଣ କହିବି ? ଆମ୍ଭେ ସମସ୍ତେ ଏ ସବୁରୁ ମୁକ୍ତି ପାଇବାକୁ ମୁଁ ରାଜପଦ ତ୍ୟାଗ କରିବାପାଇଁ ସ୍ଥିର କରିଛି । ମୋତେ ଆତିଥ୍ୟ ବା ଶରଣ ଦେବାପାଇଁ ଆମ୍ଭ ପଡୋଶୀ ମିତ୍ର ରାଜ୍ୟ ସୁମାତ୍ରା ଦ୍ୱୀପର ଶ୍ରୀବିଜୟ ନୃପତି ସମସ୍ତ ଆଶ୍ୱାସନା ଦେଇଛନ୍ତି । ତେଣୁ ଦୁଇତିନିଦିନ ମଧ୍ୟରେ ଆମ୍ଭକୁ ରାଜ୍ୟ ତ୍ୟାଗ କରିବାକୁ ହେବ । ମୋ ସାଥିରେ ଯିବାକୁ ଅନେକ ପ୍ରଶାସନିକ ଅଧିକାରୀ ଆଗଭର ହେଉଥିଲେ ମଧ୍ୟ କେବଳ କନିଷ୍ଠ ଭ୍ରାତା ତଥା କଲ୍ଲୋଳାର ପିତାମାତା ଓ ଅଳ୍ପ କେତେକଙ୍କୁ ସାଥିରେ ନେଇ ରାଜ୍ୟତ୍ୟାଗ କରିବି । ତୁମ୍ଭେ ଦୁହେଁ ଯଦି ଉତ୍ତମ ମନେ କରିବ, ମୋ ସହ ଆସିପାର । ତୁମ୍ଭେ ଦ୍ୱୟ ଜ୍ଞାନୀ ଗୁଣୀ ଅଟ । ତେଣୁ ତୁମ୍ଭେ ଯେଉଁସ୍ଥାନକୁ ଯିବ, ସେଠାରେ ପୂଜା ପାଇବ । ତେଣୁ ତୁମ୍ଭର ମତାମତ ଆମ୍ଭକୁ ଜଣାଇବାକୁ ଆମ୍ଭେମାନେ ତୁମ୍ଭକୁ ଡକାଇଅଛୁ । ଆମ୍ଭକୁ ଜଣାଅ ।''

ଜ୍ୟେଷ୍ଠପିତାଙ୍କ ରାଜ୍ୟ ତ୍ୟାଗ ଓ ଆମ୍ଭର କର୍ମସଂସ୍ଥାନ ତ୍ୟାଗ ନିଷ୍ପତ୍ତି ବିଷୟରେ କ'ଣ ବା ଆମ୍ଭେ କହିବୁ, ସେ କଥା ଚିନ୍ତା କରିପାରୁନଥିଲୁ । ତେଣୁ କିଛି ସମୟ ନିରବ ରହିବା ଆମ୍ଭ ପକ୍ଷେ ସ୍ୱାଭାବିକ ଥିଲା । ଏ ସମୟରେ ଆମ୍ଭେ ଦେଖିଲୁ ଯେ ଜ୍ୟେଷ୍ଠମାତା ଓ ମୋ ମାତା ପରସ୍ପର ସହ କଥୋପକଥନରେ ନିମଗ୍ନ ରହିଥିଲେ । ଆମ୍ଭର ନିରବତା ଦେଖି ଜ୍ୟେଷ୍ଠମାତା ଉଦୟନଙ୍କୁ କହିଲେ, ''ପୁତ୍ର, ଆମ୍ଭେ ଦୁଇ ଭଗିନୀ ଆଲୋଚନା କରୁଥିଲୁ । ଆମ୍ଭ ଦୁହିଁଙ୍କ ମତରେ ତୁମ୍ଭେ ମହାରାଜାଙ୍କ ପରାମର୍ଶ ସ୍ୱୀକାର କରିନିଅ । କିନ୍ତୁ ବର୍ତ୍ତମାନ ପରିସ୍ଥିତି ତା' ପାଇଁ ଅନୁକୂଳ ନୁହେଁ । କାରଣ ଆମ୍ଭେ ଶରଣାର୍ଥୀ ହୋଇ ଯାଉଛୁ । ପୁନଃ ତୁମ୍ଭେ ଦ୍ୱୟ ପ୍ରତିଷ୍ଠିତ କର୍ମସଂସ୍ଥାନ ପରିତ୍ୟାଗ କଲେ ଏଠାରେ ଶିକ୍ଷାପ୍ରସାରରେ ପ୍ରଭୂତ ସମସ୍ୟା ଆସିଯିବ ଓ ସେଠାରେ ତୁମ୍ଭପାଇଁ ସ୍ଥିତି ହୁଏତ ଅନୁକୂଳ ନ ଥିବ । ତେଣୁ ବର୍ତ୍ତମାନ ଯଥାସ୍ଥିତି ରହିଥାଉ । ଭଗ୍ନି ପ୍ରମୋଦବର୍ଦ୍ଧନୀ ତୁମ୍ଭର ସମସ୍ତ ଦାୟିତ୍ୱ ଏଠାରେ ନେବେ ବୋଲି ଆଶା ଓ ସେଠାରେ ସୁବିଧାଜନକ ହେଲେ ତୁମ୍ଭେ ପରେ ସ୍ଥାନାନ୍ତରଣ କରିପାରିବ । ପୁତ୍ର, ତୁମ୍ଭେ ଚିନ୍ତାକରି ମତାମତ ଦିଅ । କଲ୍ଲୋଳା ନିଶ୍ଚୟ ସମ୍ମତ ହେବ ।''

ଏସବୁ ଶୁଣିଲା ପରେ ଆମ୍ଭ ଦୁହିଁଙ୍କ ମୁଖମଣ୍ଡଳରୁ ଚିନ୍ତାର ଛିଟା ଅନ୍ତର୍ଦ୍ଧାନ ହୋଇଗଲା । ଉଦୟନ, ମୋ ମୁହଁକୁ ଚାହିଁ ଅସ୍ତିସୂଚକ ଅନୁମାନ କଲେ ଓ କହିଲେ,''ତୁମ୍ଭର ଓ ଜ୍ୟେଷ୍ଠପିତାଙ୍କ ଆଦେଶ ଆମ୍ଭପକ୍ଷେ ପାଳନୀୟ ।'' ତା'ପରେ ଜ୍ୟେଷ୍ଠ ପିତା କହିଲେ, ''ବର୍ତ୍ତମାନ ପରିସ୍ଥିତିରେ ଯଥା ସ୍ଥିତି ରହିଥାଉ । ପରେ ବିଚାର କରିବା । ଆମ୍ଭେ ହସ୍ତଯୋଡି ସମସ୍ତଙ୍କୁ ପ୍ରଣାମ କରି ଗୃହକୁ ପ୍ରତ୍ୟାବର୍ତ୍ତନ କଲୁ ।''

କିଛି ସମୟ ପରେ ପିୟୁସୀମା' ଆମ୍ଭ ପାଖକୁ ଆସିଲେ । ଦୁଃଖିତ ମନରେ କହିଲେ, ''ମୁଁ ଏ ପରିସ୍ଥିତିରେ ବିବଶ । ପତିଙ୍କ ବିରୋଧାଚରଣ କଲେ ରାଜ୍ୟ ତଥା ସମସ୍ତଙ୍କପାଇଁ ଅହିତକର ହେବ । ମୋର ଜ୍ଞାତିଜନଙ୍କ ଏ ଦୁରାବସ୍ଥା ଦେଖି ମୁଁ କିପରି ନିଜକୁ ସୁଖୀ ମଣିବି ? ଛାଡ ଏ ସବୁ । ମୋର କହିବା କଥାହେଲା ଯେ, ତୁମ୍ଭେ ଦୁଇଜଣ ଯେପରି ଥିଲ ସେପରି ରହ । ମୋର ଆଶୀର୍ବାଦ ତୁମ୍ଭଦୁହିଁଙ୍କ ସହ ସର୍ବଦା ରହିଥିବ । ଯେଉଁ ସୁକାର୍ଯ୍ୟରେ ମନୋନିବେଶ କରିଛ ତାହା କାର୍ଯ୍ୟକାରୀ କର । ତୁମ୍ଭଠାରୁ ସମ୍ମତି ନେବାକୁ ଆସିଛି ।'' ଆମ୍ଭେ ଦୁଃଖିତ ମନରେ କରଯୋଡି ରହିବାର ସମ୍ମତି ଜଣାଇଲୁ ।

ବିଦାୟ ସମୟ ଉପନୀତ ହେଲା । ଅଶ୍ରୁଳ ନୟନରେ ସହସ୍ର ସହସ୍ର ପ୍ରଜା ମହାରାଜ ଆଦିଙ୍କୁ ବିଦାୟ ଦେଲେ । ମୁଁ ତ ଉଚ୍ଚସ୍ୱରରେ କ୍ରନ୍ଦନ କରିବାକୁ ଲାଗିଲି । ଦୀର୍ଘ ଛଅ ବର୍ଷ କଳିଙ୍ଗରେ ରହି ପଡିଲି । ଏଠାକୁ ଆସି ଦୁଇ ବର୍ଷରୁ ନ୍ୟୂନ ମାତାପିତା ଓ ସ୍ୱଜନଙ୍କ ସାନ୍ନିଧ ଲାଭ କଲାବେଳକୁ ଏ ଚିରକାଳ ବିଚ୍ଛେଦ ସମୟ ଆସିଗଲା । କ'ଣ କରାଯାଇପାରିବ ? ଏ ତ ଭାଗ୍ୟର ବିଡମ୍ବନା । ଯାହାହେଉ ମନକୁ ଦମ୍ଭ କରି ରହିବାକୁ ହେଲା ।

କିଛିଦିନ ପରେ ସମ୍ବାଦ ଆସିଲା ଯେ ଜ୍ୟେଷ୍ଠପିତା ଆଦି ସମସ୍ତେ ଶ୍ରୀବିଜୟ ରାଜ୍ୟରେ ସକୁଶଳ ଅଛନ୍ତି । ଜ୍ୟେଷ୍ଠ ପିତାଙ୍କ ସହ ଯାଇଥିବା ମୋ ପିତାଙ୍କ ସମେତ ସମସ୍ତେ ସସମ୍ମାନେ ବିଭିନ୍ନ ରାଜକାର୍ଯ୍ୟରେ ନିଯୁକ୍ତ ହୋଇଯାଇଛନ୍ତି । ତେଣୁ ଏହା ପରେ ପ୍ରତି ଦୁଇତିନି ମାସରେ ଅନ୍ତତଃ ଦୁଇଚାରି ଦିନପାଇଁ ଆମ୍ଭର ସେଠାକୁ ଯିବାର ସୁବ୍ୟବସ୍ଥା ପୀୟୁସୀ ମା' କରିଦେଇଥିଲେ । ଆମ୍ଭର ସେଠାକୁ ସ୍ଥାନାନ୍ତରଣ କରିବା ନିଷ୍ପତ୍ତି ସର୍ବଦା ଘୁଞ୍ଚ ଘୁଞ୍ଚି ଯାଉଥିଲା । ଏଣୁ ଆମ୍ଭେ ନିଶ୍ଚିତ ଥିଲୁ ଯେ, ଆମ୍ଭକୁ ହିଁ ଯବଦୀପରେ ରହିବାକୁ ହେବ ।

ଏହିପରି ଭାବେ ଆମ୍ଭର ଜୀବନଯାତ୍ରା ଚାଲିଥିବାବେଳେ ଦିନେ ଉଦୟନ ବାହାରୁ ଆସି ମୋତେ ହର୍ଷମନରେ କହିଲାଗିଲେ, ''ପ୍ରିୟେ ଏକ ନୂତନ ସମ୍ବାଦ ଶ୍ରବଣ କରିଲେ ତୁମ୍ଭେ ଆନନ୍ଦ ବିଭୋର ହୋଇଯିବ ।'' ଉତ୍କଣ୍ଠିତ ହୋଇ ''କ'ଣ ଶୀଘ୍ର କୁହ'' ବୋଲି ମୁଁ ପଚାରିବାରୁ ସେ ଜଣାଇଲେ ଯେ, ''ଜ୍ୟେଷ୍ଠ ପିତା ଶ୍ରୀବିଜୟରେ ନିର୍ବିବାଦରେ ମହାରାଜ ପଦ ଅଳଙ୍କୃତ କରିଛନ୍ତି ।'' ଏ ଥିଲା ମୋ'ପାଇଁ ଏକ ଅପ୍ରତ୍ୟାଶିତ ଆଶ୍ଚର୍ଯ୍ୟଜନକ ସମ୍ବାଦ । ତେଣୁ ଏହାର ସତ୍ୟାସତ୍ୟ ଅବଗତ ହେବାପାଇଁ ହର୍ଷମନରେ ପିୟୁସୀମା'ଙ୍କ କକ୍ଷକୁ ଆମ୍ଭେ ଦୁହେଁ ଅତି ବେଗରେ ଚାଲିଲୁ । ଆମ୍ଭକୁ ଦେଖି ପିୟୁସୀ କହିଲେ, ''ମୋର ଆନନ୍ଦ ଓ ତୁମ୍ଭର ହରଷ ମୁଖର କାରଣ ଏକ ନୁହେଁ ତ ?'' ଆମ୍ଭେ କିଛି କହିବାକୁ ଉଦ୍ୟତ ହୁଅନ୍ତେ ସେ କହିଚାଲିଲେ, ତୁମ୍ଭେ ଯାହା ଜାଣିଛ ତାହା ସମ୍ପୂର୍ଣ୍ଣ ସତ୍ୟ । ବାଳପୁତ୍ର ଦେବ ଶ୍ରୀବିଜୟ ରାଜ୍ୟ ପରି ବିକଶିତ ପ୍ରସିଦ୍ଧ ରାଜ୍ୟର ନୃପତି ପଦ ପ୍ରାପ୍ତିହୋଇ ଯେ ଆମ୍ଭ ପିତୃବଂଶର ରାଜତ୍ୱକୁ ପୁନଃ ପ୍ରତିଷ୍ଠା କରିପାରିଛନ୍ତି, ତାହା ଆମ୍ଭପାଇଁ ଗର୍ବର ବିଷୟ । ତୁମ୍ଭେ ଦୁହେଁ ଶୀଘ୍ର ସେଠାକୁ ଯାଇ ମୋ ପକ୍ଷରୁ ତାଙ୍କୁ ମଧ୍ୟ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇ ଦେବ ।'' କିଛି ସମୟ ଏ ବିଷୟରେ କଥା ହୋଇ ଗୃହକୁ ଆସିଲୁ । ଜାଣିଲୁ ସେ ଶ୍ରୀବିଜୟରେ ଅନେକ ଗମ୍ଭୀର ସମସ୍ୟା ଆସିବାରେ ସେଠାରେ ସମସ୍ତଙ୍କ ଇଚ୍ଛାନୁଯାୟୀ ଜ୍ୟେଷ୍ଠପିତାଙ୍କୁ ରାଜାସନରେ ଅଧିଷ୍ଠିତ କରାଯାଇଥିଲା ।

ଏହାପରେ ଅବିଳମ୍ବେ ଆମ୍ଭେ ସୁମାତ୍ରାର ଶ୍ରୀବିଜୟ ଯାତ୍ରାକଲୁ । ଜ୍ୟେଷ୍ଠପିତା ଅତି ପ୍ରୀତ ହୋଇ କହିଲେ, ''ହେ ମହାଜ୍ଞାନୀ ପୁତ୍ରପୁତ୍ରୀଦ୍ୱୟ । ତୁମ୍ଭର ଯବଦେଶରେ ସମସ୍ତ ସୁବିଧା ଥିବାରୁ ବହୁଳ ଅନୁଭୂତିପାଇଁ ତୁମ୍ଭେ ସେଠାରେ କାର୍ଯ୍ୟରତ ହୁଅ । ତୁମ୍ଭେ ତ ପ୍ରତି ଦୁଇତିନି ମାସରେ ଏଠାକୁ ଆସୁଅଛ । ମୋର ଅନୁରୋଧ ଯେ, ଏଠାରେ ଉଚ୍ଚ ଶିକ୍ଷାର ପ୍ରସାରପାଇଁ ଆମ୍ଭକୁ ଉଚିତ ଦିଗଦର୍ଶନ ଦିଅ ।'' ସମସ୍ତେ ହର୍ଷୋଲ୍ଲସିତ ଥିଲେ । ସେଠାରେ ପ୍ରୀତିପୂର୍ଣ୍ଣ ସମୟ ବିତାଇ ଆମ୍ଭେ ଗୃହ ପ୍ରତ୍ୟାବର୍ତ୍ତନ କଲୁ । (କ୍ରମଶଃ...)

# ନିଆରା ଜନନାୟକ ଡକ୍ଟର ହରେକୃଷ୍ଣ ମହତାବ



ହିମାଂଶୁ ଶେଖର ଆଚାର୍ଯ୍ୟ
ସଭାପତି
ସାରସ୍ୱତ ପରିଷଦ,
ଜଗତସିଂହପୁର
ମୋ – ୯୯୩୭୧୫୧୦୫୨

ସମୟ ଓ ଜୁଆର କାହାକୁ ଅପେକ୍ଷା କରେନାହିଁ । ବିସ୍ମୃତିର ପାଣିକନା ସମୟ ସ୍ଲେଟରୁ ଅନେକ ଲେଖା ପୋଛିଦେଲେବି ଏମିତି କିଛି ଲେଖା ରହିଯାଏ ଯାହା ପୋଛି ହୁଏନା । ତାହା ସ୍ମୃତି ହୋଇ ରହିଯାଏ । ଏହିଭଳି ଏକ ଅଲିଭା ସ୍ମୃତି ହେଉଛି ପ୍ରଖ୍ୟାତ ଜନନାୟକ, ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ସୁସାହିତ୍ୟିକ, ଦକ୍ଷ ସଂପାଦକ ତଥା ଉତ୍କଳ କେଶରୀ ଡକ୍ଟର ହରେକୃଷ୍ଣ ମହତାବଙ୍କ କଥା ଓ ଗାଥା । ଏହି ଯୋଗଜନ୍ମା ବରପୁତ୍ର ଜନ୍ମ ନେଇଥିଲେ ୧୮୯୯ ମସିହା ନଭେମ୍ବର ୨୧ ତାରିଖରେ । ତାଙ୍କର ୮୮ ବର୍ଷର କର୍ମମୟ ଓ ଘଟଣାବହୁଳ ଜୀବନର ଅବସାନ ଘଟିଲା ୧୯୮୭ ମସିହା ଜାନୁୟାରୀ ୨ ତାରିଖରେ ।

ତୁଳସୀ ଦୁଇ ପତ୍ରରୁ ବାସିଲା ପରି ବାଲ୍ୟ କାଳରୁ ହରେକୃଷ୍ଣ ମହତାବଙ୍କ ବହୁମୁଖୀ ପ୍ରତିଭାର ଉନ୍ମେଷ ହୋଇଥିଲା । ଓଡିଶାର ରାଜନୀତି, ଶିକ୍ଷା,ସାହିତ୍ୟ, ସମାଜସେବା ଓ ସାମ୍ବାଦିକତା– ସମସ୍ତ କ୍ଷେତ୍ରରେ ସେ ନିଜର ପଦାଙ୍କ ଛାଡି ଯାଇଛନ୍ତି। ଓଡ଼ିଶାର ପୂର୍ଣ୍ଣାଙ୍ଗ ଇତିହାସ ରଚନା କରି ସେ ହୋଇଯାଇଛନ୍ତି ଯୁଗପୁରୁଷ । ଖାଲି ସେତିକି ନୁହେଁ, ଥରେ ସିଏ ଯାହା ଚିନ୍ତା କରୁଥିଲେ ତାକୁ କାର୍ଯ୍ୟରେ କରି ଦେଖାଉଥିଲେ । ଏଥିରୁ ତାଙ୍କୁ କେହି ବିଚ୍ୟୁତ କରିପାରୁନଥିଲେ । ଏପରିକି ତାଙ୍କ ବ୍ୟତିରେକ ଓଡିଶା ରାଜନୀତିର କୌଣସି ସଂଜ୍ଞା, ସ୍ଥିତି ନାହିଁ । ସମସ୍ତ ଉଲ୍ଲେଖଯୋଗ୍ୟ ରାଜନୀତିକ ଉତ୍ଥାନ-ପତନରେ ତାଙ୍କର ହାତଥିବା ଅନେକ ବିଶ୍ୱାସ କରୁଥିଲେ । ସତରେ ସେ ଥିଲେ ଏକ ରାଜନୀତିକ ବିସ୍ମୟ, ଯାହାଙ୍କ ଚିନ୍ତାରେ, କଥାରେ, ଲେଖାରେ ଓ କାର୍ଯ୍ୟରେ ଗୋଟିଏ ଜାତିର ଶ୍ୱାସ-ପ୍ରଶ୍ୱାସ ଏମିତି ସ୍ପନ୍ଦିତ ହେଉଥିଲା । ସେ ଖାଲି ଜଣେ ବ୍ୟକ୍ତି ବିଶେଷ ନଥିଲେ, ଥିଲେ ଏକ ସ୍ୱୟଂସଂପୂର୍ଣ୍ଣ ଅନୁଷ୍ଠାନ ।

ଡକ୍ଟର ମହତାବଙ୍କ କର୍ମମୟ,ସଂଗ୍ରାମୀ ଓ ରାଜନୈତିକ ଜୀବନ ବେଶ୍ ଚଳଚଞ୍ଚଳ ଥିଲା । ନିଜର ଅସାଧାରଣ ବ୍ୟକ୍ତିତ୍ୱ ଓ ପରାକାଷ୍ଠା ଯୋଗୁ ପ୍ରାୟ ଅର୍ଦ୍ଧଶତାବ୍ଦୀ ଧରି ୧୯୨୪ ମସିହାରୁ ୧୯୭୪ ମସିହା ପର୍ଯ୍ୟନ୍ତ ଓଡିଶା ତଥା ଜାତୀୟ ରାଜନୀତିକୁ ପ୍ରଭାବିତ କରିଥିଲେ । ୧୯୩୭ ମସିହାରେ ରାଜ୍ୟ କଂଗ୍ରେସର ସଭାପତି ଭାବେ ସଂଗଠନରେ ପାଦ ଥାପିଥିଲେ ସେ । ପରେ ୧୯୩୮ ମସିହାରେ ଭାରତୀୟ ଜାତୀୟ କଂଗ୍ରେସର କାର୍ଯ୍ୟକାରୀ ସମିତି ସଭ୍ୟରୂପେ ତାଙ୍କୁ ମନୋନୀତ କରାଯାଇଥିଲା । ଏହି ସମୟରେ ନିଜର ଅପୂର୍ବ ସାଂଗଠନିକ ଦକ୍ଷତାର ପ୍ରମାଣ ଦେଇଥିଲେ । ପ୍ରଥମ ପର୍ଯ୍ୟାୟରେ ୧୯୪୬ରୁ ୧୯୫୦ମସିହା ପର୍ଯ୍ୟନ୍ତ ସେ ଓଡିଶାର ପ୍ରଧାନମନ୍ତ୍ରୀ ପରେ ମୁଖ୍ୟମନ୍ତ୍ରୀ ହେବାର ଗୌରବ ଲାଭ କରିବା ସହ ପରବର୍ତ୍ତୀ ପର୍ଯ୍ୟାୟରେ ୧୯୫୬ ମସିହାରେ ଦ୍ୱିତୀୟ ଥର ପାଇଁ ଓଡିଶାର ମୁଖ୍ୟମନ୍ତ୍ରୀ ପଦ ମଣ୍ଡନ କରି ୧୯୬୧ ମସିହା ପର୍ଯ୍ୟନ୍ତ ସେଥିରେ ଅବସ୍ଥାପିତ ହୋଇଥିଲେ । ସେହିପରି ୧୯୫୦ ମସିହାରୁ ୧୯୫୨ ମସିହା ପର୍ଯ୍ୟନ୍ତ କେନ୍ଦ୍ର ଶିଳ୍ପ, ବାଣିଜ୍ୟ ଓ ଯୋଗାଣ ମନ୍ତ୍ରୀ ରୂପେ ନିଜ ଦାୟିତ୍ୱ ସୂଚାରୁରୂପେ ତୁଲାଇଥିଲେ । ୧୯୫୫-୧୯୫୬ ମସିହାରେ ବମ୍ବେ ରାଜ୍ୟର ରାଜ୍ୟପାଳ ହେବାର ସୌଭାଗ୍ୟ ଡକ୍ଟର ମହତାବ ହିଁ ଲାଭ କରିଥିଲେ । ୧୯୬୨ ମସିହାରେ ଯେଉଁ ତିନିଜଣ ସଦସ୍ୟ ଅପ୍ରତିଦ୍ୱନ୍ଦ୍ୱୀ ଭାବରେ ଲୋକସଭାକୁ ନିର୍ବାଚିତ ହୋଇଥିଲେ ତନ୍ମଧ୍ୟରୁ ମହତାବ ଥିଲେ ଜଣେ । ସେହିପରି ୧୯୬୬ ମସିହାରେ କଂଗ୍ରେସ ଦଳ ତ୍ୟାଗ ପରେ ୧୯୬୭,୧୯୭୧ ଓ ୧୯୭୪ ମସିହାରେ ସେ ମଧ୍ୟ ଓଡିଶା ବିଧାନସଭାକୁ ନିର୍ବାଚିତ ହୋଇଥିଲେ ।

ମହତାବଙ୍କ ଶାସନକାଳ ଓଡିଶା ପାଇଁ ଏକ ସୁବର୍ଣ୍ଣଯୁଗ ଥିଲା କହିଲେ ଭୁଲ୍ ହେବ ନାହିଁ । ତାଙ୍କର ପ୍ରତ୍ୟେକ କାର୍ଯ୍ୟରେ ସ୍ୱକୀୟତା, ସାହସ ଓ ନିର୍ଭୀକତା ପରିସ୍ଫୁଟ ହୋଇଥିଲା । ଆଧୁନିକ ଓଡିଶାର ନିର୍ମାତା ଭାବେ ଇତିହାସରେ ତାଙ୍କ ନାମ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇରହିବ । ଗଡଜାତ ମିଶ୍ରଣ, ଭୁବନେଶ୍ୱରରେ ନୂଆ ରାଜଧାନୀ ପ୍ରତିଷ୍ଠା, ଓଡିଶା ଟେକ୍ସଟାଇଲ୍ ମିଲ୍, କଟକ ଆକାଶବାଣୀ କେନ୍ଦ୍ର ପ୍ରତିଷ୍ଠାରେ ତାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଆଜି ବି ଉଚ୍ଚ ପ୍ରଶଂସିତ । ବିଶେଷ କରି ଓଡିଶାକୁ ମହତାବଙ୍କ ସର୍ବଶ୍ରେଷ୍ଠ ଅବଦାନ ହେଉଛି ହୀରାକୁଦ ବନ୍ଧ । ୧୯୪୮ ମସିହା ଏପ୍ରିଲ ୧୨ ତାରିଖରେ ଭରତର ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଓଡିଶାରେ ହାଇକୋର୍ଟ ପ୍ରତିଷ୍ଠା ଦିଗରେ ମହତାବ ଆଶୁ ପଦକ୍ଷେପ ନେଲେ । ସୁପ୍ରିମକୋର୍ଟର ସେତେବେଳର ପ୍ରଧାନ ବିଚାରପତିଙ୍କ ଦ୍ୱାରା ଏହା ଉଦ୍‌ଘାଟିତ ହୋଇଥିଲା । ଓଡିଶାରେ ଖେଳ କସରତକୁ ପ୍ରୋତ୍ସାହନ ଦେବାପାଇଁ ମହତାବଙ୍କ ଅବଦାନ ବହୁତ ବେଶୀ । ଓଡିଶା ଅଲମ୍ପିକ ଆସୋସିଏସନ୍ ତାଙ୍କ ଉଦ୍ୟମରେ ଗଠିତ ହୋଇଥିଲା । ସେ ଶେଷ ପର୍ଯ୍ୟନ୍ତ ତାର ସଭାପତି ଥିଲେ । ବାରବାଟୀ ଷ୍ଟାଡିୟମ୍ ନିର୍ମାଣରେ ସେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ ।

ରାଜନୀତି ଓ ସାହିତ୍ୟ ସାଧନା ସହିତ ମହତାବ ସାମ୍ବାଦିକତାକୁ ନିଜ ଜୀବନର ଅଙ୍ଗ ବୋଲି ଭାବିନେଇଥିଲେ । ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାର ସଫଳତା ସାର୍ଥକ ଜନମତ ଉପରେ ନିର୍ଭର କରେ ବୋଲି ସେ ମର୍ମେ ମର୍ମେ ଅନୁଭବ କରିଥିଲେ । ଜନମତକୁ ପ୍ରତିଫଳିତ କରିବା ପାଇଁ ସେ ପ୍ରତିଷ୍ଠା କରିଥିଲେ "ପ୍ରଜାତନ୍ତ୍ର" । ୧୯୨୩ ମସିହାରେ ଏହା ପ୍ରଥମେ ସାପ୍ତାହିକ ଭାବେ ପ୍ରକାଶ ପାଇବା ପରେ ୧୯୪୬ ମସିହାଠାରୁ ଏହା ଦୈନିକ ପ୍ରକାଶ ପାଇଆସୁଅଛି । ପ୍ରଜାତନ୍ତ୍ରର ବହୁ ବିଭାଗ ଦେଖିବାକୁ ମିଳେ ଏହାର ଆଉ ଏକ ଆକର୍ଷଣୀୟ ବିଭାଗ ଥିଲା ଗାଁ -ମଜଲିସ୍ । ଏହାକୁ ମହତାବ ନିଜେ ଲେଖୁଥିଲେ । ଏଥିରେ ଦୁଃଖୀ, ଦରିଦ୍ର, ଶୋଷିତ ଜନସାଧାରଣଙ୍କ ପାଇଁ ସମବେଦନାର ଉଚ୍ଛ୍ୱାସ ଦେଖିବାକୁ ମିଳୁଥିଲା । ଏତଦ୍‌ବ୍ୟତିତ ଶିଶୁପତ୍ରିକା ମୀନାବଜାର ଓ ଝଙ୍କାରର ସେ ସ୍ରଷ୍ଟା ଥିଲେ । ପ୍ରଜାତନ୍ତ୍ର ପ୍ରଚାର ସମିତିର ସଭାପତି ଥାଇ ସେ ସାରସ୍ୱତ ବିଷୁବ ମିଳନର ପରିକଳ୍ପନା କରିଥିଲେ । ପ୍ରତିବର୍ଷ ଏହି ଉତ୍ସବରେ କବି, ଲେଖକ ଓ ସାହିତ୍ୟିକମାନେ ସମ୍ବର୍ଦ୍ଧିତ ହେଉଛନ୍ତି । ଏବେ ମଧ୍ୟ ବିଷୁବ ମିଳନ ସମାରୋହରେ ତାଙ୍କ ଶୂନ୍ୟତା ବେଶ୍ ବାରିହୋଇପଡେ ।

ମହତାବଙ୍କର ସାହିତ୍ୟ କ୍ଷେତ୍ରରେ ମଧ୍ୟ ଗଭୀର ପ୍ରବେଶ ଓ ଅନୁରାଗ ଥିଲା । ସେ ଥିଲେ ଜଣେ ଲବ୍ଧପ୍ରତିଷ୍ଠ ସାହିତ୍ୟିକ । ବହୁ ସମସ୍ୟାର ସମ୍ମୁଖୀନ ହୋଇଥିଲେ ମଧ୍ୟ ଲେଖନୀ ଚାଳନାରୁ ସେ ବିରତ ହୋଇନଥିଲେ । ତାଙ୍କର ପ୍ରବନ୍ଧଗୁଡିକ ଯେପରି ଭାବୋଦ୍ଦୀପକ, ତାଙ୍କ ଉପନ୍ୟାସଗୁଡିକ ସେପରି ପ୍ରାଣବନ୍ତ ଥିଲା । ଏଥିସହିତ ଗଳ୍ପ, ଏକାଙ୍କିକା ଓ କାବ୍ୟ କବିତା ଲେଖିବାରେ ସେ ମାହିର ଥିଲେ । ତାଙ୍କର ପ୍ରକାଶିତ ଉପନ୍ୟାସ ଗୁଡିକ ହେଲା ପ୍ରତିଭା, ଅବ୍ୟାପାର, ନୂତନ ଧର୍ମ, ଟାଉଟର, ତୃତୀୟ ପର୍ବ ଓ ୧୯୭୫ । ପ୍ରବନ୍ଧଗୁଡିକ ଭିତରେ ରହିଛି ସମାଜ ଉପରେ ସାହିତ୍ୟର ପ୍ରଭାବ, ହଜାରେ ବର୍ଷରେ ଓଡ଼ିଆ ସାହିତ୍ୟ, ଭାରତୀୟ ସଂସ୍କୃତିକୁ ଓଡ଼ିଶାର ଅବଦାନ, ଗୀତା ଓ ଜନତା ଓ ସାହିତ୍ୟ ଓ ରାଜନୀତି । ବହୁ ବିଶିଷ୍ଟ ଲୋକଙ୍କ ପରି ସେ ଆତ୍ମଜୀବନୀ ଲେଖିଛନ୍ତି – 'ସାଧନାର ପଥେ' । ଏହା ଉଚ୍ଚକୋଟୀର ଆତ୍ମଜୀବନୀ । ବିଶେଷକରି ତାଙ୍କ ରଚିତ 'ଓଡିଶା ଇତିହାସ' ଏକ ଅନନ୍ୟ ସୃଷ୍ଟି ଯାହା ଭବିଷ୍ୟତ ଗବେଷକମାନଙ୍କୁ ଯୁଗଯୁଗ ଧରି ପ୍ରେରଣା ଦେଇଆସୁଥିବ । ଐତିହାସିକ ମଜୁମ୍‌ଦାରଙ୍କ ଭାଷାରେ ଓଡିଆ ଭାଷାରେ ଆଧୁନିକ ବୈଜ୍ଞାନିକ ପଦ୍ଧତିରେ ଯେଉଁ କେତୋଟି ପୂର୍ଣ୍ଣାଙ୍ଗ ଇତିହାସ ରଚିତ ହୋଇଛି, ତନ୍ମଧ୍ୟରୁ 'ଓଡିଶା ଇତିହାସ' ଶ୍ରେଷ୍ଠ ଗ୍ରନ୍ଥ । ଏଥିପାଇଁ ୧୯୫୦ ମସିହାରେ ଆନ୍ଧ୍ର ବିଶ୍ୱବିଦ୍ୟାଳୟ, ୧୯୫୬ ମସିହାରେ ଉତ୍କଳ ବିଶ୍ୱବିଦ୍ୟାଳୟ, ୧୯୫୮ ମସିହାରେ ସାଗର ବିଶ୍ୱବିଦ୍ୟାଳୟ ତାଙ୍କୁ ସମ୍ମାନଜନକ ଡି.ଲିଟ୍. ଉପାଧିରେ ଭୂଷିତ କରିଥିଲେ ।

ଡକ୍ଟର ହରେକୃଷ୍ଣ ମହତାବ ଆଜି ଆମ ଗହଣରେ ନାହାଁନ୍ତି ସତ, ହେଲେ ଓଡିଶାର ପ୍ରତିଟି କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ଜନମାନସରେ ସେ ଚିରଦିନ ସ୍ମରଣୀୟ ହୋଇରହିବେ । ହେଲେ ସେଦିନର ସାଧନା ସବୁ ସ୍ୱପ୍ନିଳ, ସଂକଳ୍ପ ଅଭିଧାନଗତ । ଆଗକୁ ବହୁଦୂର ଯିବାକୁ ହେବ । ଅନେକ ଆହ୍ୱାନ ଆମ ସାମ୍ନାରେ ରହିଛି, ତାକୁ ସାହସର ସହିତ ମୁକାବିଲା କରିବାକୁ ହେବ । ଉତ୍କଳ କେଶରୀଙ୍କ ଆଦର୍ଶରେ ଆମେ ଅନୁପ୍ରାଣିତ ହେଲେ ଦେଶ ଓ ଜାତିର ଉନ୍ନତି ହେବ । ଏଥିରେ ସନ୍ଦେହର ଅବକାଶ ନାହିଁ ।

## ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

## ବିଶ୍ୱରୂପ ଦର୍ଶନ

### ମୃଗତୃଷ୍ଣା



କଂକାଳ କ୍ରନ୍ଦନ କରେ
ଗାଁମୁଣ୍ଡ ବରଗଛ
ଶ୍ମଶାନ ପଠାରେ
ରକ୍ତମାଂସ ଗଢୁଥାଏ
ସହରର ତୁଳି ତଳ୍ପ
ସୌରଭ ଭିତରେ
ଆତ୍ମାଖାଲି ଘୂରି ବୁଲେ
ଏଠି ସେଠି ମୃଗତୃଷ୍ଣା ପରି
ସମୟ ଘେରରେ ।୧।
ପ୍ରକୃତି କାଳ ସ୍ରୋତରେ
ଭାସିଯାଏ ଦେଖ
କାମ ବାସନାରେ
ପଉରୁଷ ହଜିଯାଏ
ଜନ୍ମ ମୃତ୍ୟୁ ଯୌବନର
ଜୀଅଁନ୍ତା ଜୁଇରେ
ଆତ୍ମାଖାଲି ... ମୃଗତୃଷ୍ଣା ପରି
ସମୟ ଘେରରେ । ୨ ।
ସୁନେଲି ସ୍ୱପ୍ନ ସ୍ୱର୍ଶରେ
ନାହିଁ ନାହିଁ ଅନୁରାଗ
ଜରା ବ୍ୟାଧି ଠାରେ
କହ ଏବେ ତୁହି କିଏ
ରକ୍ତ, ମାଂସ ନା ! କଂକାଳ ?
ଅଛୁଏ ସୃଷ୍ଟିରେ
ଆତ୍ମ ଖାଲି ଘୁରିବୁଲେ
ଏଠି ସେଠି ମୃଗତୃଷ୍ଣା ପରି
ସମୟ ଘେରରେ ।୩।
ଯୌବନକୁ କାଳ ଠାରେ
ଧରି ମାୟାରୂପ
କାମିନୀ ରୂପରେ
ଜୀବ ସବୁ ଭୁଲିଯାଏ
ଦେଖୁ କମନୀୟ ରୂପ
କାଳର ଓଠରେ
ଆତ୍ମା ଖାଲି ଘୁରି ବୁଲେ
ଏଠି ସେଠି ମୃଗତୃଷ୍ଣା ପରି
ସମୟ ଘେରରେ । ୪ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

## ଜଙ୍ଗଲର ଡାକ



**ସୁଶ୍ରୀ ସଙ୍ଗୀତା ସେଠୀ**

ଡୋରା, ଆଦିବାସୀ କନ୍ଧ ସମ୍ପ୍ରଦାୟର ଲୋକଟିଏ। ଜଙ୍ଗଲ ପାଖ ବସ୍ତିରେ ସ୍ତ୍ରୀ କୁଇ ସହ ବସବାସ କରୁଥାଏ। ଜଙ୍ଗଲକୁ ନିତିଦିନ ଯାଏ ଶୁଖିଲା କାଠ ସଂଗ୍ରହରେ। ଆଉ ତାକୁ ବିକି କଷ୍ଟେମଷ୍ଟେ ପରିବାର ପୋଷେ। ଜଙ୍ଗଲଟି ତାର ଅତି ପ୍ରିୟ। ସକାଳୁ ଉଠିଲେ ସେ ଜଙ୍ଗଲ ମୁହାଁ ହୁଏ। ଯୋଉଦିନ ଅଧିକ କାଠ ମିଳିଯାଏ ଆଉ ତାପରଦିନ କାଠ ସଂଗ୍ରହର ଆବଶ୍ୟକତା ପଡ଼େନି, ତଥାପି ବି ସେ ଚାଲିଯାଏ ଜଙ୍ଗଲକୁ। ସତେ ଯେମିତି ସେ ଜଙ୍ଗଲ ତାର ପ୍ରେମିକା। ଗଛକୁ ସବୁ ଆଉଁସି ପକାଏ। ଜଙ୍ଗଲରେ ଅତ୍ୟଧିକ ସମୟ ରହୁଥିବାରୁ ଅନେକ ଜଙ୍ଗଲି ପଶୁପକ୍ଷୀଙ୍କ ଭାଷା ବି ସେ ବୁଝିପାରୁଥାଏ। ମୟୂର, ଶୁଆ, ଶାରୀ ଆସି ତାପାଖେ ହାଜର ହେଇଯାଆନ୍ତି, ଯେତେବେଳେ ଡୋରା ପହଞ୍ଚେ ଜଙ୍ଗଲରେ। ତା ଗାଲକୁ ଚୁମି ଦିଅନ୍ତି। ଡୋରା ତାଙ୍କୁ ସାଥିରେ ଆଣିଥିବା ଖୁଦ ଖାଇବାକୁ ଦିଏ। ଆଉ କୋଳରେ ଧରି ଆଉଁସି ଦିଏ। ଏଇ ତ ତାର ଆନନ୍ଦ, ଆଉ ଏଇ ତାର ସ୍ୱର୍ଗ। ସେ ଜଙ୍ଗଲଟା ସତେ ଯେମିତି ତାର ସବୁଠୁ ନିଜର। ସ୍ତ୍ରୀକୁ ବି ଭୁଲିଯାଏ ସେ ଜଙ୍ଗଲକୁ ଆସିଲେ। ବେଳେବେଳେ ବୃକ୍ଷଲତାଙ୍କ ସହ ବି କଥାହୁଏ। ବୃକ୍ଷଲତା ବି ସତେ ଯେମିତି ତାର କଥାକୁ ଶୁଣନ୍ତି ଆଉ ଖୁସିରେ ଦଲକାଏ ପବନରେ ତାକୁ ଛୁଇଁ ଆଉଁସି ଦିଅନ୍ତି। ପତ୍ର, ଫୁଲ ତା ଉପରେ ଢାଳି ତାଙ୍କ ସ୍ନେହକୁ ଦେଖାନ୍ତି। ଡୋରା ଆତ୍ମହରା ହେଇଯାଏ। ଏତେ ଭଲପାଉଥାଏ ସେ ଜଙ୍ଗଲକୁ ଜର ଦେହରେ ବି ଚାଲିଆସେ ଜଙ୍ଗଲକୁ ତାର ସେହି ପ୍ରାଣର ସାଥିମାନଙ୍କ ସହ ଭେଟ ହେଇ ଟିକେ ସୁଖଦୁଃଖ ହେବାକୁ। ଜଙ୍ଗଲଟି ବି ଅତି ଭଲପାଏ ଡୋରାକୁ। ଡୋରା ନଗଲେ ପତ୍ର ସବୁ ଯେମିତି ମନଦୁଃଖରେ ଝାଉଁଳି ପଡନ୍ତି, ପକ୍ଷୀମାନେ ରାବିରାବି ଜଙ୍ଗଲଟିକୁ କମ୍ପେଇ ଦିଅନ୍ତି। ଜଙ୍ଗଲ ସହ ଡୋରାର ଏ ସମ୍ପର୍କ ବସ୍ତି ଲୋକଙ୍କୁ ବି ଜଣା। ସମସ୍ତେ କଥା ହୁଅନ୍ତି, ଡୋରା କେଡ଼େ ଦରଦୀ ମଣିଷଟେ! ଘରେ ଖାଇବାକୁ ନଥାଉ କିନ୍ତୁ ଜଙ୍ଗଲ କଥା ନିଶ୍ଚୟ ବୁଝେ ଆଉ ପଶୁପକ୍ଷୀଙ୍କ କଥା ବି। ଦେଖୁନ ସେ ଦିନେ ନଗଲେ କେମିତି ପକ୍ଷୀମାନେ କମ୍ପାଉଛନ୍ତି। ଗଛମାନେ ଡାଳସବୁ ହଲାଉଛନ୍ତି। ଏହିପରି ଭାବେ ସୁଖେଦୁଃଖେ ସବୁଦିନ ତାର ଯାଉଥାଏ।

ଡୋରା ମଣିଷ ହିସାବରେ ବହୁତ୍ ଭଲ। ସମସ୍ତଙ୍କ ବିପଦ ଆପଦରେ ସାହା ହୁଏ। ଥରେ ଜଣଙ୍କ ଘରେ ନିଆଁ ଲାଗିଯାଇଥିଲା। ଡୋରା ସମସ୍ତଙ୍କୁ ସାଙ୍ଗରେ ଧରି ଯାଇ ନିଆଁ ଲିଭେଇଥିଲା। ଆଉଥରେ ବଣରେ କିଛି ଜାଗାରେ ନିଆଁ ଲାଗିଥିଲା। ଲୋକମାନେ ଦଉଡ଼ିଗଲେ ନିଆଁ ଲିଭାଇବାକୁ। ଡୋରା କିନ୍ତୁ ଜଙ୍ଗଲି ପଶୁ ପକ୍ଷୀଙ୍କ ରକ୍ଷାକର୍ତ୍ତା ହେଇଥିଲା। ଠେକୁଆ, ହରିଣ ଏମିତି ଅନେକ ପଶୁଙ୍କ ଜୀବନ ରକ୍ଷାକରି ତାଙ୍କ ନାୟକ ସାଜିଥିଲା। ପଶୁଗୁଡ଼ିକ ତା ପାଦକୁ ଚାଟି ଦେଇଥିଲେ କୃତଜ୍ଞତାରେ, ଗାଆଁ ଲୋକ ନିଜେ ଦେଖିଛନ୍ତି ଏ ଦୃଶ୍ୟ। ସମସ୍ତେ ଡୋରାକୁ ଧନ୍ୟ ଧନ୍ୟ କରିଥିଲେ। ତାପର ଦିନଠୁ ପଶୁପକ୍ଷୀ ମାନେ ଡୋରାକୁ ଦିନେ ନ ଦେଖିଲେ ରାବନ୍ତି। ଜଙ୍ଗଲ କମ୍ପିଉଠେ ସେ ସ୍ୱରରେ। ଡୋରା ବି ତାଙ୍କୁ ନ ଦେଖି ରହିପାରେନି। ତା ସ୍ତ୍ରୀ ଥଟ୍ଟାରେ କହେ ତମେ ସେହି ଜଙ୍ଗଲରେ ଘରକରି ରୁହ। ଡୋରା ହସି କୁହେ, କଣ କରିବି ଲୋ! ସେମାନେ ମତେ ଛାଡ଼ି ପାରୁନାହାନ୍ତି କି ମୁଁ ତାଙ୍କୁ ଛାଡ଼ିପାରୁନି। ଜଙ୍ଗଲ ପଶୁକୁ କେହି ଯଦି ଶିକାର କରିବାକୁ ଚେଷ୍ଟାକରେ ସେ ବହୁତ୍ ପ୍ରତିବାଦ କରେ। ନିଜେ ପଶୁ ପାଳିବାକୁ ବୁଝାଏ। ତା କଥା ବି ସେ ବସ୍ତିରେ ସମସ୍ତେ ମାନନ୍ତି। ନିଜେ ନିଜେ କୁକୁଡ଼ା ପାଳନ୍ତି, ଛେଳି ପାଳନ୍ତି। ସମସ୍ତେ ଡୋରାକୁ ସମ୍ମାନ କରନ୍ତି ଆଉ ଭଲପାଆନ୍ତି। କିନ୍ତୁ ଜଣେ ଥାଏ ମଙ୍ଗଲୁ ଭାରି ଦୁଷ୍ଟ ପ୍ରକୃତିର ଲୋକଟେ ସେ। ତାକୁ କେହି ଭଲପାଆନ୍ତିନି ବସ୍ତିରେ। ତାର ଶତ୍ରୁତା ଡୋରା ସହ। ସହିପାରେନି ସେ ଡୋରାକୁ କିନ୍ତୁ ଗାଆଁ ଲୋକଙ୍କ ପ୍ରୋତ୍ସାହନ ଯୋଗୁଁ ସେ ଡୋରାର କିଛି ଅନିଷ୍ଟ କରିବାକୁ ଭାବିପାରେନି। କିନ୍ତୁ ସବୁବେଳେ ସୁଯୋଗ ଅପେକ୍ଷାରେ ଥାଏ। ମଙ୍ଗଲୁ ଜଙ୍ଗଲରେ ବିନା କାରଣରେ ଶିକାର କରେ, ଯୋଉଥିପାଇଁ ଡୋରା ତା ସହ ଝଗଡ଼ା କରେ। ଝଗଡ଼ାରୁ ମାର୍‌ପିଟ୍ ଯାଏଁ କଥାଯାଏ। କିନ୍ତୁ ମଙ୍ଗଲୁ ଦୁଷ୍ଟ ପ୍ରବୃତ୍ତିର। ସେ ଶୁଣେନି ଡୋରା କଥା। ଲୁଚେଇ ଲୁଚେଇ ଶିକାର କରେ। ଡୋରାକୁ କହେ ଏ ଜଙ୍ଗଲ ତୋର ନୁହେଁ କି ତୋ ବାପାର ନୁହେଁ। ଆମ ସମସ୍ତଙ୍କ ଅଧିକାର ଅଛି। ଏହି କଥାରୁ ମହାଭାରତ ହୁଏ ସେ ଦୁଇଜଣଙ୍କ ଭିତରେ। ଡୋରା ସ୍ତ୍ରୀ ତା ସହ ବେଶୀ ନ ବଢ଼ିବାକୁ କୁହେ। କିନ୍ତୁ ଡୋରା ତ ପ୍ରକୃତି ପ୍ରେମୀ। ସେ ରାଗିଯାଏ। ଡୋରା ଯାହା ବି କୁହେ ତାକୁ ପ୍ରତିବାଦ କରେ ମଙ୍ଗଲୁ। ଧୀରେ ଧୀରେ ମଙ୍ଗଲୁର ଉତ୍ପାତ ବଢ଼ିବାକୁ ଲାଗିଲା। ଲୋକଙ୍କୁ ପ୍ରବର୍ତ୍ତେଇଲା ଡୋରା ବିରୁଦ୍ଧରେ। ୨-୪ ଜଣ ଲୋକ ମଙ୍ଗଲୁ ସହ ଯୋଡ଼ିହେଲେ ଡୋରା ବିରୁଦ୍ଧରେ।

ଥରେ ମଙ୍ଗଲୁ ଡୋରାକୁ ମାରିବାକୁ ଚେଷ୍ଟା କଲା। ଡୋରା ଜଙ୍ଗଲ ଭିତରେ କାଠ କାଟିବାକୁ ଯାଇଥାଏ। ମଙ୍ଗଲୁ ତାର ସାଥିଙ୍କୁ ନେଇ ତାକୁ ପିଟିଲା। ଡୋରାର ଚିତ୍କାର ଶୁଣି ବଣଜନ୍ତୁମାନେ ଆସି ମଙ୍ଗଲୁ ଆଉ ତା ସାଥିଙ୍କ ଉପରେ ଆକ୍ରମଣ କରିଦେଲେ। ସେମାନେ ପ୍ରାଣନେଇ ଫେରିଆସିଲେ। ଡୋରାର ଯେ ଏତେ ଶକ୍ତି ପ୍ରଥମଥର ମଙ୍ଗଲୁ ଅନୁଭବ କଲା। ଆଉ ଡୋରା ସହ ଲାଗିବାକୁ ସାହସ କଲାନି କିନ୍ତୁ ଏକ ସୁଯୋଗ ଅପେକ୍ଷାରେ ରହିଲା। ଡୋରା ତାର ବଣ ସାଥିମାନଙ୍କୁ ଆଉଁସି ଦେଲା। ଆନନ୍ଦରେ ତା ଆଖିରୁ ଅଶ୍ରୁ ଝରିପଡୁଥିଲା। ପଶୁପକ୍ଷୀମାନେ ତାକୁ ଘେରି ସତେ ଯେମିତି ଗେଲ କରୁଥିଲେ। ମଙ୍ଗଲୁ ପାନେ ପାଇଲା କହି ବସ୍ତିଲୋକ ହସୁଥିଲେ। କିନ୍ତୁ ଏକ ମହାବିପଦ ମାଡ଼ିଆସିଲା ସେ ବସ୍ତି ଉପରେ। ବଣବିଭାଗ କର୍ମଚାରୀମାନେ ସେ ଜଙ୍ଗଲ କାଟି କାରଖାନା ନିର୍ମାଣ କରିବାକୁ ଆସିଲେ। ବସ୍ତି ଲୋକଙ୍କୁ ଏହି ବିଷୟରେ ସୂଚନା ଦେଲେ। ଡୋରା ଏକଥା ଶୁଣି ରାଗରେ ତାତି ଉଠିଲା। କହିଲା ଆମେ ଏ ଜଙ୍ଗଲ କାଟିବାକୁ ଦବୁନି। ଏ ଜଙ୍ଗଲ ଆମର ସବୁକିଛି।

ଆମେ ବସ୍ତି ଲୋକେ ଏଇ ଜଙ୍ଗଲ ଉପରେ ନିର୍ଭର କରୁଛୁ। ତେମେ ସବୁ କିଏ ଆସିଲ ଜଙ୍ଗଲ କାଟିଲା ବାଲା। ଆମେ ଚଳିବୁ କେମିତି! ବନବିଭାଗ ଅଫିସର୍ କହିଲେ ଯା ବାବଦକୁ ତୁମକୁ କ୍ଷତିପୂରଣ ଦିଆଯିବ ସରକାରଙ୍କ ତରଫରୁ। ଡୋରା କହିଲା ବାବୁ ଆମର କ୍ଷତିପୂରଣ ଦରକାର ନାହିଁ। ଆମ ଜଙ୍ଗଲକୁ ରହିବାକୁ ଦିଅନ୍ତୁ। ଆମର ଟଙ୍କା ପଇସା ଦରକାର ନାହିଁ। ମଙ୍ଗଲୁ ଏଇଭଳି ଏକ ସୁଯୋଗକୁ ଅପେକ୍ଷା କରିଥିଲା ଡୋରା ଉପରେ ପ୍ରତିଶୋଧ ନେବାକୁ। ସେ ଅଫିସରଙ୍କୁ ସମର୍ଥନ କଲା। ଡୋରା ରାଗି ନିଆଁ ହେଇଗଲା। କହିଲା ଜଙ୍ଗଲ କିଏ କେମିତି କାଟିବ ଦେଖିବା! ମୁଁ ବଞ୍ଚିଥିବା ଯାଏଁ କେହି ଏ ଜଙ୍ଗଲରେ ହାତ ବି ମାରି ପାରିବେନି। ଗାଆଁ ଲୋକେ ବି ଡୋରାକୁ ସମର୍ଥନ କଲେ। ସମସ୍ତେ କହି ଉଠିଲେ ହଁ, ହଁ ଆମେ ଜଙ୍ଗଲ କାଟିବାକୁ ଦବୁନି। ଆମେ ଡୋରା ସହ ଏକମତ। ଏଇ ଏକତା ଦେଖି ଅଫିସର୍ ଫେରି ଯାଉଥିଲେ କିନ୍ତୁ ମଙ୍ଗଲୁ ଯାଇ ଅଫିସରଙ୍କୁ କହିଲା ଗୋପନରେ ମୁଁ ଆପଣଙ୍କ ସହ ଅଛି। ଲୋକଙ୍କୁ ପ୍ରବର୍ତ୍ତେଇବା ଦାୟିତ୍ୱ ମୋର। ଅଫିସର୍ କହିଲେ ସାବାସ୍! ତମଭଳି ଦରକାର୍ ଥିଲା ଜଣେ। ମଙ୍ଗଲୁ କହିଲା କିନ୍ତୁ ପଇସା ଲାଗିବ ବାବୁ। ଅଫିସର୍ କହିଲେ ତମେ ଖାଲି ଗାଆଁ ଲୋକଙ୍କୁ ବୁଝାଅ, ପଇସା ତମ ପାଖେ ପହଞ୍ଚିଯିବ। ଆଉ ୫୦୦୦/- ତା ହାତରେ ଗୁଞ୍ଜିଦେଲେ। ମଙ୍ଗଲୁ ତା ଜୀବନରେ ଏତେ ପଇସା ଦେଖିନଥିଲା। ଖୁସିରେ ନାଚିଗଲା ସେ। ଲୋକଙ୍କୁ ପ୍ରବର୍ତ୍ତେଇବା କାମରେ ଲାଗିପଡ଼ିଲା ସେ ଲୋକଙ୍କ ହାତରେ ପଇସା ଗୁଞ୍ଜିଦେଇ। ଅନେକ ଲୋକ ପଇସା ଲୋଭରେ ମଙ୍ଗଲୁ ପଟିଆ ହେଇଗଲେ। କିନ୍ତୁ ଆଉ କିଛି ଡୋରାକୁ ସମର୍ଥନ ଦେଲେ। ଏହିଭଳି ଭାବେ ଅନେକ ଲୋକ ମଙ୍ଗଲୁ ସମର୍ଥନରେ ଥିଲେ। ଅଫିସରମାନେ ଏସବୁ ଦେଖି ଅତ୍ୟନ୍ତ ଖୁସି ହେଇଗଲେ। ଆଉ ଜଙ୍ଗଲ କାଟିବାକୁ ତତ୍ପର ହେଲେ। ପ୍ରଚାର କରାଗଲା କାଲି ପରେ ଜଙ୍ଗଲ କଟାଯିବ। ତେଣୁ କେହି ଜଙ୍ଗଲ ଭିତରକୁ ଯିବନାହିଁ।

ଡୋରା ଅତ୍ୟନ୍ତ କ୍ରୋଧିତ ହେଲା। ସେ ଏକ ସଭା ଡକେଇଲା ଏବଂ ତା ସମର୍ଥନରେ ଥିବା ଲୋକଙ୍କୁ ଡାକି କାଲି ବିରୋଧ କରିବାକୁ ଭାଷଣ ଦେଲା। ଏଇ ଜଙ୍ଗଲ ଆମ ମା, ଇଏ ଆମକୁ କଣ ନ ଦେଇଛି? ଜଙ୍ଗଲ ଯଦି କଟାଯିବ ଆଉ ଆମେ କିଛି ନକହିବା ଇଏ ବିଶ୍ୱାସ ଘାତକତା ହେବ ଆମର ଜଙ୍ଗଲ ପ୍ରତି। ଡୋରାର ଉଦ୍‌ବୋଧନରେ ସମସ୍ତେ ତାତି ଉଠିଲେ ଏବଂ ଅଣ୍ଟା ଭିଡ଼ିଲେ ତାଙ୍କ ସମ୍ପତ୍ତିର ରକ୍ଷା କରିବାକୁ। ଧନୁଶର, ବର୍ଚ୍ଛା ସଜାଡ଼ିଲେ। ଏକ ଯୁଦ୍ଧ କରିବାକୁଥିଲା କାଲି ପ୍ରକୃତି ମାକୁ ବଞ୍ଚେଇବାକୁ। ତା ପରଦିନ ବନବିଭାଗ ଅଫିସର୍ ୫୦୦୦ ଲୋକ ଆଉ ମେସିନ୍ ସହ ଆସିଲେ। ମଙ୍ଗଲୁ ତାଙ୍କୁ ଯାଇ ଡୋରାର ଯୋଜନା ବିଷୟରେ କହିଲା। ଅଫିସର୍ ତା ସମର୍ଥନରେ ଥିବା ଲୋକଙ୍କୁ ଆଣି ଡୋରାକୁ ବିରୋଧ କରିବାକୁ କହିଲେ। ମଙ୍ଗଲୁ ଯାଇ ଲୋକଙ୍କୁ ଡାକିଆଣିଲା। ଘମାଘୋଟ ଲଢ଼େଇ ହେଲା ଦୁଇଦଳ ଭିତରେ। ଡୋରାକୁ ଜଣେ ବାଡ଼େଇ ତଳେ ପକେଇଦେବାରୁ ଡୋରା ଚିତ୍କାର କଲା। ତା ଚିତ୍କାର ଶବ୍ଦ ଶୁଣି ସମସ୍ତ ବନ୍ୟ ପଶୁପକ୍ଷୀ ବାହାରି ଆସିଲେ ଏବଂ ଡୋରା ଉପରେ ଆକ୍ରମଣ ଦେଖି ସେମାନେ ସମସ୍ତଙ୍କ ଉପରେ ଆକ୍ରମଣ କରିବା ଆରମ୍ଭ କରିଦେଲେ। ଡୋରାର ଜଙ୍ଗଲ ପ୍ରତି ଏତେ ଭଲପାଇବା ଆଉ ପଶୁପକ୍ଷୀ ମାନଙ୍କ ଭଲପାଇବା ଡୋରା ପ୍ରତି ଦେଖି ଅଫିସର୍ ମାନେ ଭୟରେ ଆଣିଥିବା ୫୦୦୦ ଲୋକଙ୍କ ସହ ସେ ସ୍ଥାନ ଛାଡ଼ି ପଳେଇଲେ। ଡୋରାର ଜିତ୍ ହେଲା। ଡୋରାର ଭଲପାଇବା ଦେଖି ଜଙ୍ଗଲ ପ୍ରତି ମଙ୍ଗଲୁ ସମେତ ତା ସପକ୍ଷରେ ଥିବା ସମସ୍ତ ଲୋକ ଲଜ୍ଜିତ ହେଲେ ଏବଂ ନିଜର କୁକର୍ମ ପାଇଁ ଡୋରାକୁ ଭୁଲ୍ ମାଗିଲେ। ଡୋରା ସାଜିଥିଲା ଆଜି ନାୟକ। ପଶୁପକ୍ଷୀ ମାନେ ତା ପାଦତଳେ ବସି ତାକୁ ଧନ୍ୟବାଦ ଜଣାଉଥିଲେ। ପ୍ରକୃତି ରାଣୀ ନିଜର କୃତଜ୍ଞତା ଜ୍ଞାପନ କରୁଥିଲା ଡୋରାକୁ ନିଜ ଡାଳ ପତ୍ର ହଲେଇ ଆଉ ଡୋରା ଉପରେ ଫୁଲବର୍ଷା କରି।

*ଯାଜପୁର*

## ମୁଁ ପୁଣି ଆସିବି ଫେରି

*ରବି ରାଉତ*



ମନେରଖ, ମୁଁ ପୁଣି ଆସିବି ଫେରି
ଆଜି ନୁହେଁ, ହୁଏତ ଆସନ୍ତା କାଲି ।
ନଚେତ କେଉଁ ନାମହୀନ ତିଥିବାର
ନକ୍ଷତ୍ର, କାଳପୁଞ୍ଜି ସଂଯୋଗର ସନ୍ଧିକ୍ଷଣେ
ଅନାହୂତ, ଅବାଞ୍ଛିତ, ଅନଭିପ୍ରେତ ମୁହୂର୍ତ୍ତଙ୍କ
ନିସ୍ତବ୍ଧତା ଭେଦି, ଇତିହାସ ପୃଷ୍ଠା ଫାଡି
ମୁଁ ଆସିବି, ନିଶ୍ଚୟ ଆସିବି ଫେରି ।

ମୋ ଲେଉଟାଣି ପଥ ଚାହିଁ
କିଏ ଥାଉ ବା ନଥାଉ
ଅବିଶ୍ରାନ୍ତ ପ୍ରତୀକ୍ଷାର ଦୀପ ଜାଳି
ବିନିଦ୍ର, ଶ୍ରାନ୍ତ, କ୍ଲାନ୍ତ ରଜନୀର ନିସ୍ତବ୍ଧତା ଭେଦି
ନିଦାଘର ହୁତାସନ, ଝା, ପ୍ରଭଞ୍ଜନ, ପ୍ରଳୟର
ଚକ୍ରବାଳ ଛୁଇଁ । ମୋତେ ଫେରିବାକୁ ହେବ।

ବହୁକାମ ଅଛି ବାକି, ବହୁକଥା କହିବାର ଅଛି ।

ମୋ ଏନ୍ତୁଡିଶାଳ ମାଆର ପଣତକାନି, ଅବଧାନୀ ଛାଟ,
ବାପାଙ୍କ ଆକଟ, ଗାଁ ଦାଣ୍ଡ ଧୂଳିଖେଳ, ମିଛ ବାହାଘର,
ବରଯାତ୍ରୀ, ଭୋଜିଭାତ, ରୋଷଣୀ, ବାଇଦ
କଙ୍କିଧରା, ଜାମୁକୋଳି, ଆମ୍ବ ପିଜୁଳିଚୋରି,
ନାକ କାନ୍ଦୁରି ବାଲ୍ୟ ବାନ୍ଧବୀର ହାତଧରି
ଧୂ ଧୂ ଦ୍ୱିପ୍ରହରେ ହଠାତ୍ ପୁଣି ନିରୁଦ୍ଦିଷ୍ଟ ହେବା
କିଛି କ୍ଷଣ କିଛି ମୁହୂର୍ତ୍ତଙ୍କୁ ସାକ୍ଷି ରଖିଥିବା ।



ମୁଁ ପୁଣି ଆସିବି ଫେରି, ପ୍ରତିଜ୍ଞାର ଜଉମୁଦ ଭାଙ୍ଗି
ତମ ପ୍ରୀତିର ଚୌହଦି, ପ୍ରତାରଣାର କୁରୁକ୍ଷେତ୍ର
ଘୃଣାର ଦିଗ୍‌ବାରେଣୀ ଅତିକ୍ରମୀ,
ଅୟୁତ, ନିୟୁତ, ଅର୍ବୁଦ ଯୋଜନ ଦୂରତାର ସୀମାଲଂଘି।

ତମେ ଚାହଁ ବା ନ ଚାହଁ, ମନେରଖ
ଥୟଧର, ମୁଁ ଆସିବି ଆସିବି ଫେରି,
ଏଇ ତମ ଚିହ୍ନା ଦୁନିଆକୁ,
ତମେ ପ୍ରେମ ସାଉଁଟ, କି ଜହର ବାଣ୍ଟ,
ଲାଞ୍ଛନା, ପ୍ରବଞ୍ଚନା, ତିରସ୍କାର କରକି
ଆକ୍ରୋଶ ରଖ, ଅଭିଶାପ ଦିଅ
ମୋର କିଛି ପରବାୟ ନାହିଁ ।

ଇତିହାସ ସାକ୍ଷୀ ଅଛି ମୁଁ ଆସିଛି ଫେରି ବାରମ୍ବାର
ନଈ ତୁଠ ଅଭିଆଡି ତରୁଣୀ କଣ୍ଠରେ ଡଙ୍ଗର,
ଖୋଲର ଧାଙ୍ଗିଡିଙ୍କ ନୃତ୍ୟ ଛନ୍ଦରେ ହଳ ଲଙ୍ଗଳର
ଚାଷୀ, ସରହଦ୍‌ର ଅତନ୍ଦ୍ର ପ୍ରହରୀ, ନିସଙ୍ଗ
ପଥିକ, ମଧୁଶାଳାର ବେପଥୁ ପ୍ରେମିକର ବିକ୍ଷିପ୍ତ
ପଦପାତରେ, ଲୁହରେ, କୋହରେ, ହସରେ
ଓ ଆଶ୍ୱାସନାରେ।

କବିତାର କ'ଣ ସମାପ୍ତି ଅଛି ନା କବି ମରିଛି କେଉଁକାଳେ ?
ଅପେକ୍ଷା କର । ଧୈର୍ଯ୍ୟଧର ।
ତମକୁ ସଠିକ ଠିକଣାର ନକ୍ସା ଚିହ୍ନେଇବାକୁ
ମୁଁ ପୁଣି ଆସୁଛି ଫେରି,
ତମର ଏ ଜହର ପୃଥିବୀର କଳଙ୍କିତ ଜଠର ଗର୍ଭରୁ ।

*ବାହାଳ, ବାଲେଶ୍ୱର-୭୫୬୦୬୦*
*ମୋ-୯୪୩୮୩୨୨୨୧୪*

## ପଉଷ ଗୀତ

*ନୀଳମଣି ଚାନ୍ଦ*

ପଉଷ କାନ୍ଦିଲେ ଲୁହ ପଡୁଥାଏ
କାକର ଟୋପାଟି ହୋଇ
ଘାସଫୁଲ ମନୁ ବେଦନା ସବୁକୁ
ଦେଇଥାଏ ସିଏ ଧୋଇ।

ପଉଷ ହସିଲେ କ୍ଷେତରେ କ୍ଷେତରେ
ସୁନା ଫସଲଟି ହସେ
ଲାଗଇ ଯେମିତି ଲକ୍ଷ୍ମୀ ଆସୁଛନ୍ତି
ପୂର୍ଣ୍ଣ କୁମ୍ଭ ସବୁ ବସେ ।

ପଉଷ ଆସିଲେ ଗେଣ୍ଡୁରେ ଧରିତ୍ରୀ
ଗଭାକୁ ସଜେଇ ଦିଏ
ସୋରିଷ, ସୂରୁଯମୁଖୀ ଫୁଲ ରଙ୍ଗ
ମନକୁ ତ ମୋହିନିଏ।

ପଉଷଟି ଆସି ନଈ ତୁଠଟିରେ
ଆଙ୍କେ ଶିଉଳିର ଛବି
ଶୀତଟିରେ ଥରି ପାଦ ମାଜୁଥାଏ
ପ୍ରିୟତମା ଅନୁଭବୀ।

ପଉଷର ଗପପସରାରୁ ଗୋଟେ
ଶୁଣିବ କି ତୁମେ କୁହ
ସେ ଗପରେ ଭରା କିଛି ତ ଦରଦ
ଆଉ ଅଛି ପୋଷେ ଲୁହ।

*ମନ୍ତ୍ରମାନୋର,ଗୋଠପାଟଣା,ଭୁବନେଶ୍ୱର*
*ମୋ-୯୫୮୩୨୦୨୩୫୭*

## ବର୍ତ୍ତିକା

*ଶରତ ଦାଶ*



ଦୁଃଖନାହିଁ ମୋ ଯାତନାର ବୋଝ
କାନ୍ଧ ବୋହି ଚାଲିବାରେ
ତୁମେ ଥିଲେ ପାଶେ କଣ୍ଟକିତ ପଥ
ଭରିଯିବ ଗୋଲାପରେ ॥
ସୁଖ ନମିଳିଲେ ଦୁଃଖ ନାହିଁ ମୋ
ମିଳୁଥିଲେ ତୁମ ପ୍ରେମ
ଆନନ୍ଦ ଜୁଆର ଉଠୁଥିବ ପ୍ରାଣେ
ଗାଇ ତୁମ ମଧୁନାମ ॥
ଅନ୍ଧାର ପଛେ ପୋଛିନେଉ ଯେତେ
ଦୃଶ୍ୟ ମାଦକଭରା
ଆଲୋକ ବର୍ତ୍ତିକା ଜଳୁଥିବ ହୃଦେ
ବର୍ଷୁଥିଲେ କୃପାଧାରା ॥
ନାହିଁ ଅଭିଯୋଗ ଅବା ଅଭିମାନ
କିଛି ତୁମ ପାଶେ ମୋର

କରୁଣାରେ ଉଣା କଲେ ବାଟବଣା
ହେବା ସୁନିଶ୍ଚିତ ସ୍ଥିର ॥
ଦେଇଛ ଯଥେଷ୍ଟ ଯାହା ବି ଦେଇଛ
ଆଉ ଲୋଡାନାହିଁ କିଛି
ଶୂନ୍ୟ ହସ୍ତ ପୂର୍ଣ୍ଣ କରିଛ ମୋହନ
ନ କାନ୍ଦିବି ମିଛି ମିଛି ॥
ଚାଲିବାରେ ଥକି ପଡିବି କାହିଁକି
ସାଥେ ଚାଲୁଥିବ ଯଦି
କାହିଁକି ଅଯଥା ଗଡାଇବି ଲୁହ
ମରିବି ସର୍ବଦା କାନ୍ଦି ॥
ପ୍ରେମବାରି ଢାଳି ଭିଜାଉଥାଅ ଏ
ଧରିତ୍ରୀ ଚର ଅଚର
ଭଲପାଇବାର ଉର୍ମି ତରଙ୍ଗ
ମର୍ତ୍ତ୍ୟ ହେଉ ସ୍ୱର୍ଗପୁର ॥

*ଭୁବନେଶ୍ୱର*

## କବି ଓ କବିତା

*ବିଜୟଲକ୍ଷ୍ମୀ ମହାନ୍ତି*

କବିତା କବିର ଜୀବନ ଓ ପ୍ରାଣ
କବି ଓ କବିତା ଏକ ପାଇଁ ଆନ
ପ୍ରକୃତି ସୁଷମା ସୂର୍ଯ୍ୟ ଚନ୍ଦ୍ର ତାରା
କବିତା ପାଇଁ ତ ପ୍ରେରଣା ଅସରା
କବିର ଦୃଷ୍ଟିରେ ପାଷାଣରେ ଫୁଲ
ମରୁଭୂମୀ ଦିଶେ ସବୁଜ ସୁନ୍ଦର

କବି ହୃଦୟର ଭାଷା ଅସୁମାରି
ଶବ୍ଦରେ ଶବ୍ଦରେ କୁହୁକ ବର୍ଣ୍ଣାଳୀ
ଫଗୁଣର ରଙ୍ଗ ମାଖି ଅଙ୍ଗେ ଅଙ୍ଗେ
କବିତା ସମ୍ଭାର କବିଟିଏ ସୃଜେ
ଭାବନା ରାଇଜୁ ଅତୀତର ସ୍ମୃତି
ଜୀବନ୍ତ ହୁଏ ତା କବିତା ମୂରତି

ମଳୟ ସମୀର ବହେ ଘନ ଘନ
ନିଦାଘ ହୃଦୟେ ମରୁ ଜଳ ସମ
ଶବ୍ଦ ଆଭୂଷଣେ ସଜାଏ କବିତା
ନୀରବେ ସ୍ଫୁରିତ କବି ଅନ୍ତଃର୍ଭାଷା
ବିରହ ମିଳନ ପୁଲକିତ ଝର
କବିତା ମଞ୍ଜୁଳ କବି ଅନ୍ତସ୍ୱର
କବିର ହୃଦୟ ସଦା ଶାନ୍ତିମୟ
ଆପଣା ପଣରେ କବି ବିଶ୍ୱମୟ।

*ନ୍ୟୁକଲୋନୀ, କେନ୍ଦୁଝର*
*ମୋ-୮୨୮୦୫୮୮୮୦୬*

## ଝିଅର ବାପା

*ସାରଦା ପ୍ରସାଦ ଆଚାର୍ଯ୍ୟ*

ବୋଉ ଥିଲା ତା ବାପାର ଅଲିଅଳି ଝିଅ,
ବୋଉର ଦ୍ୱିତୀୟ ପୁଅ, ଏବେ ମୋର ଗୋଟିଏ ଝିଅ।
ଗୋଟିଏ ଝିଅର ବାପା ହିସାବରେ ମୁଁ ଅଧିକ ଖୁସି,
ବାପା ତାକୁ ସ୍ନେହର ଡାକନ୍ତି ମୋ ଖୁସି ।

ଝିଅକୁ ନେଇ ସମସ୍ତେ ଡରନ୍ତି ଓ ଡରାନ୍ତି,
ଖବର କାଗଜ ଖୋଲିଲେ କେଉଁଠି ନା କେଉଁଠି
ଗୋଟେ ଝିଅର କରୁଣ କାହାଣୀ ହୃଦୟକୁ ଦିଏ ବିଦାରି।

ପଲ୍ଲୀ ଠାରୁ ଦିଲ୍ଲୀ,
ମୂର୍ଖରୁ ପଣ୍ଡିତ,
ଝିଅମାନେ ସବୁବେଳେ ଅସୁରକ୍ଷିତ।
ତ୍ରେତୟା ରୁ କଳି,
ରାଜ ପଥରୁ ଦେବାଳୟ,
ଏବେବି ଝିଅ ହେଉଛି ଅବହେଳିତ ।



ଶ୍ରେଷ୍ଠ ଦେଶର ଚିରାଚରିତ କାହାଣୀ,
ସକାଳରୁ ରାତି,
ଦେବତା ହୃଦୟ ଛୁଇଁବା ପୂର୍ବରୁ,
ଝରି ପଡ଼ନ୍ତି,
ରେବୀରୁ ସେବି,
ଜାଇଯୁଇ ପୁଣି ସେବତୀ।

ଦୁହିତା ଦୁଇକୁଳର ହିତ,
ସକାଳ ଧୂପରୁ,
ସଂଧ୍ୟା ଆରତୀ,
ନିତି ଢାଳୁଥାଏ
ଦୀପରେ ଘିଅ,
ବାରମାସରେ ପାଳଇ ବ୍ରତ,
ତଥାପି ଜୀବନେ ତାର ଅନେକ ଝଡ଼।

ପୁଣ୍ୟ ଥିଲେ ଝିଅ ଜନମ,
କନ୍ୟା ଦାନ ଦେଇ ଜୀବନ ଧନ୍ୟ,
କିନ୍ତୁ ଝିଅର ବାପାକୁ ସବୁଠି ଡର।



*ଯୋଡ଼ା, କେନ୍ଦୁଝର*
*ମୋ-୯୪୩୭୬୧୧୮୯୧*

## ଚିଠି-ହୃଦୟର ଭାଷା

*ବିଜୟଲକ୍ଷ୍ମୀ ମହାନ୍ତି ପଟ୍ଟନାୟକ*

ଚିଠି ଆସୁଥିଲା ଚିଠି ଯାଉଥିଲା
ହୃଦୟର ଭାବ ନେଇ
ଶାଶୁଘରୁ ଝିଅ ବାହାଘର ପରେ
ଲେଖେ ଲୁହ ଲହୁ ଦେଇ ।
ନୂଆ ଘର ନୂଆ ବର ସାଥେ ତାର
ନଣନ୍ଦ ଦିଅର କଥା
ଶାଶୁ କଡାପଣ ଶ୍ୱଶୁରଙ୍କ ଟାଣ
ଦେବାନେବା ଉଣା ବାର୍ତ୍ତା ।
ଅଚିହ୍ନା ଅଜଣା ଘରେ ସେ କିପରି
ଚଳୁଥାଏ ଜଗିକରି
ପାନରୁ ଟିକିଏ ଚୂନ ଖସିଗଲେ
ଝିଙ୍ଗାସିହୁଅନ୍ତି ନାରୀ ।
ନାରୀଟିଏ ହୋଇ ଶାଶୁ ନଣନ୍ଦ ବି
ଖଡଗହସ୍ତ ହୋଇଥାନ୍ତି
ଶ୍ୱଶୁର ନିରବେ ସମର୍ଥନ ଦେଇ
ଚୁପ୍‌ଚାପ୍ ବସିଥାନ୍ତି ।
ସ୍ୱାମୀ ସୁନାପୁଅ ମାଆବାପା ଆଗେ
ଖୋଲନ୍ତିନି ଜମା ମୁହଁ
ଝିଅ ପରଘରୁ ଆସିଛି ଘରକୁ
ଯେତେ କଷ୍ଟ ଦେବ ଦିଅ ।

ଚିଠି ଆସେ ଏବେ ସ୍ୱାମୀକୁ ଶିଖାଇ
ଅଲଗା ରହିବୁ ଯାଇ
ଶାଶୁ ନଣନ୍ଦଙ୍କୁ ଜବତ କରିବୁ
ଗୋଟେ ବି ଟଙ୍କା ନ ଦେଇ ।
ଚାକରାଣୀ ପରି ଖଟେଇବୁ ତାଙ୍କୁ
ସ୍ୱାମୀ ତୋ ରୋଜଗାରିଆ
ସେମାନେ କିଏ ସେ ଭାଗ ବସେଇବେ
ତୁ ତ ଘରର ମୁଖିଆ ।
ଚିଠି ଆସୁଥିଲା ଦୂରଦେଶୁ ପୁଅ
ବାପା ମା'କେମିତି ଅଛ
ଭଉଣୀର ପାଠପଢା ସରିଲାଣି
ଖୋଜା ହେବ ବର କିସ ?
ବାପାଙ୍କ ଚଷମା ବଦଳିବା ପାଇଁ
ପଠାଉଛି କିଛି ଟଙ୍କା
ଚାଳ ଛପରଟା କରିବାକୁ ହେବ
ଟିକେ ଅପେକ୍ଷା କରିଯା' ।
ବୋଉ ହାତରନ୍ଧା ମିଳୁନାହିଁ ଏଠି
ଭଲ ଲାଗୁନାହିଁ କିଛି
ତେଲମସଲା ତ ଦେହରେ ଯାଉନି
ଫେରିବି କେବେ ଭାବୁଛି ।

ଚିଠିବାଲା ଆସି ଡାକଟିଏ ଦିଏ
ଚିଠି ନିଅ ନିଅ ଚିଠି
ଦଉଡି ଆସଇ ନୂଆ ଭୂଆଶୁଣି
ତାଙ୍କ ବାରତା ଆସିଛି ।
ଛଅମାସ ହେଲା ଦେଖିନାହିଁ ତାଙ୍କୁ
ମନ ହୁଅଇ ଅଥୟ
ଦଶରା ଛୁଟିରେ ଆସିବେ ନିଶ୍ଚୟ
ମନ ହେଉନାହିଁ ଥୟ ।
କେତେ ହୃଦୟର ନିବିଡ ବେଦନା
ଗୋପନ ମନର ଭାଷା
ନେଇ ଯାଉଥିଲା କାଗଜ ଖଣ୍ଡିଏ
ଅଭିମାନ ରାଗ ରୁଷା ।
ଭାବ ବିନିମୟ କଲାବେଳେ ଥିଲା
ସୀମା ସରହଦ କେତେ
କାଗଜ ଉପରେ କଲମ ଚାଲିଲେ
ଭାବ ଆସେ ଆପେ ଆପେ ।
ଚିଠିପରେ ଝରେ ଲୁହଧାର କେତେ
କାଗଜ ହୁଅଇ ଓଦା
ହୃଦୟ ଥରାଇ ଝରିଆସୁଥାଏ
ଗୋପନ ମନର ବ୍ୟଥା ।
ସହଜ ସରଳ ଭାବ ପ୍ରେମଭରା
ଚିଟାଉ ଯୁଗ ସରିଲା
ମୋବାଇଲ ଚିଠି ହେବକି ସେପରି
ଚିଠି ଲେଖା ସରିଗଲା ।

*ଭୁବନେଶ୍ୱର*

## ମିନୁ ଅପାର ଗାଁ

*ସଞ୍ଜୟ ଖେମୁଣ୍ଡୁ*

ମିନୁ ଅପାର ଗାଁ ଆହା କି ନିଆରା
ଯାହାକୁ ଦେଖି ସାଧାରଣ ମଣିଷ ବି ହେଇଯାଏ
କବି, ଭାବୁକ ପରି ଖୁବ୍ ଆତ୍ମହରା।

କେମିତି ବା ହୁଅନ୍ତାନି ଯେ
ଯେଉଁଠି ଛଅ ଋତୁ ଗୋଟେ ପରେ ଗୋଟେ ଓହ୍ଲାଇ ଆସନ୍ତି
ଢେମସା ନାଚ କଲା ପରି
ବାର ମାସ ତେର ପରବରେ ମସଗୁଲ ହୁଅନ୍ତି
ନିଜର ସଉା ପାଶୋରି।



ସ୍ୱପ୍ନ ଆଉ ବାସ୍ତବତା ଠାରୁ ଖୁବ୍ ଉର୍ଦ୍ଧ୍ୱରେ ସେ ଗାଁ
ସ୍ୱପ୍ନ ସେଠି ବିହନ ପରି ବୁଣି ହେଲେ
ବାସ୍ତବତା ଚୋପା ଧାନ ହୋଇ ଫଳେ,
ହସ ସେଠି ଇନ୍ଦ୍ରଧନୁ ହୋଇ ଚମକିଲେ
ଲୁହ ଯେତେ ବର୍ଷା ବୁନ୍ଦା ହୋଇ
ଆଶାର ଫସଲ ଧୋଇ ଚାଲେ।

ଅନ୍ଧାର ହିଁ ତାର ଏକମାତ୍ର ସମ୍ବଳ
ହେଲେ ଆଲୁଅ ତାର ପ୍ରାରବ୍ଧର ଫଳ
ଆଉ ରାତିର ଦରଜ ଭାଙ୍ଗେ
ଢଳ ଢଳ ଛଳ ଛଳ ଅଳସୀ ସକାଳ।

ଜେଜେ ମା'ର ବୁଢ଼ୀ ଅସୁରୁଣୀ ଗପ ଶୁଣିବାକୁ
ଆକାଶର ଜହ୍ନ ବି ଡେରା ଦେଇ ଆସି ବସିପଡ଼େ



ଗାଁ ମୁଣ୍ଡର ସେ ବୁଢ଼ା ବରଗଛ ଓହଳରେ
ଗୀତ କୁଡ଼ିଆର ମଧୁର 'କିନ୍ଦରୀ' ଗୀତ ଶୁଣି
ନିରଳସ ଧାଉଁଥିବା ବେଗବତୀ ନଈ ବି
ଅଳସ ଭାଙ୍ଗେ ହଳଦୀ ବୋଳା ସେ ତୁଠ ପଥରେ।

ଶୋରିଷ ଫୁଲ ପରି ବାସ୍ନାମୟ
ଆଉ ଖୁବ ସୁନ୍ଦର ସେଠି ଜୀବନ
ସଚ୍ଚା ପ୍ରେମିକର ଖୋଲା ହୃଦୟ ପରି
ସରଳ ଓ ଛଳନା ଶୂନ୍ୟ।
ତାର ସୁଆଦିଆ କଥା
ମଣ୍ଡାଖିଆ ଅସୁରର ପେଟ ବି ଭରିପାରେ
ତାର ଚାଳ ଛପର କୁଡ଼ିଆ ଘର
କୁମ୍ଭକର୍ଣ୍ଣର ଆରାମ ନିଦ ବି ଦେଇପାରେ।

ସେ ଗାଁରେ କଣ ନାହିଁ କୁହ ତ ?
ଭାଙ୍ଗି ପଡ଼ିଲେ ଭାଇର କାନ୍ଧଟେ ଅଛି
ଲୁହ ଝରିଲେ ମା'ର ଲୁଗା କାନିଟେ ଅଛି
ରୁଷି ଗଲେ ଭଉଣୀର ଚଗଲି ମନଟେ ଅଛି
ଆଉ ହାରିଗଲେ ବାପାର ବିଶାଳ ହୃଦୟଟେ ଅଛି।

ସେଥିପାଇଁ ମିନୁ ଅପାର ଗାଁ ସ୍ୱର୍ଗ ନୁହେଁ
ସେ ତ ସରଗଠୁ ବେଶୀ
ପିଲାଖେଳ, ବନ୍ଧୁ ମେଳ କେତେ ହସ ଖୁସି
କବିତାରେ କବି ଲେଖେ ତାକୁ -
ଝୁରେ ପରଦେଶୀ।

*ଇଣ୍ଟିଗ୍ରେଟେଡ୍ ବିଇଡି -ଏମ୍‌ଇଡ଼ି ଦ୍ୱିତୀୟ ବର୍ଷ*
*ମହାରାଜାଶ୍ରୀରାମଚନ୍ଦ୍ରଭଞ୍ଜଦେଓ ବିଶ୍ୱବିଦ୍ୟାଳୟ,ବାରିପଦା*
*ମୋ-୭୮୫୪୦୧୦୫୧୯*

## ନବବର୍ଷର ନୂତନ ସୂର୍ଯ୍ୟ

*ଅସୀମା ପ୍ରଧାନ*

ଆଣିଦେଉ ଉଜ୍ଜ୍ୱଳତା ତା ଜୀବନରେ
ଭୋଜି ଖାଇ ଖୁଆଇ, ଉପହାର ନେଇ ଦେଇ,
ଅଭିନନ୍ଦନ ପଢି ପଠାଇ ନବବର୍ଷ ପାଳୁ କି ନ ପାଳୁ,
ଘନ ଅନ୍ଧକାର ନ ଛାଉ ତା ଜୀବନରେ
ପୀଡ଼ିତା ପରିଚୟ ଥାଉ ବା ନ ଥାଉ ॥
ବିସ୍ମୃତ ହେଉ ଜନ ମାନସରେ
ଯାହା କିଛି ବି ହୋଇଥିଲା
ଘଟଣା ବା ଦୁର୍ଘଟଣା ॥
ନୀରବରେ ପାପର ଅବସାନ ହେଉ
କେହି ଜାଣୁ ବା ନ ଜାଣୁ ॥
ସମ୍ମାନ ଶରଧାରେ ଜୀବନ ସେ କାଟୁ



କେହି ଭଲ କହୁ ବା ନ କହୁ ॥
କୋଟି ପ୍ରଶ୍ନର ସରଳ ଉତ୍ତର ପାଉ
ବିଦଗ୍ଧ ମନ ତା ବୁଝୁ ନ ବୁଝୁ ॥
ଧୈର୍ଯ୍ୟର ସହ ମୁକାବିଲା କରୁ
ବାଧା ଯେତେ ଆସୁ ବା ନ ଆସୁ ॥
ଆତ୍ମାର ଦିପାଳି ଜଳୁ ଦାଉ ଦାଉ
କୋହର ଦିପାଳି ଲିଭୁ କି ନ ଲିଭୁ ॥
ନବ ଉନ୍ମାଦନାରେ ଭରିଉଠୁ ଜୀବନ ତାହାର
ନୂଆ ଉଡାଣର ପକ୍ଷ ଲାଗୁ ଦେହରେ ମନରେ
ସାରା ସଂସାର ଲାଗୁ ପଛେ ତାର ପ୍ରଗତିର ବାଧାରେ ॥

*ବୀରମହାରାଜପୁର, ସୁବର୍ଣ୍ଣପୁର*

ଭୁବନେଶ୍ୱର
୧୦ ଜାନୁଆରୀ,
ଶନିବାର, ୨୦୨୬

RNI Regd. No. : 52640/94
Postal Regd. No. :
BN/60/25-27

# ବୋମା ଧମକ ପରେ ହାଇକୋର୍ଟ ପରିସରରେ ବଢ଼ିଲା ସୁରକ୍ଷା ବ୍ୟବସ୍ଥା

କଟକ, ୯।୧
ନ୍ୟୁଜ୍‌ବ୍ୟୁରୋ

ବୋମା ଧମକ ପରେ କୋର୍ଟ ପରିସରରେ ବଢ଼ିଲା ସୁରକ୍ଷା ବ୍ୟବସ୍ଥା। ହାଇକୋର୍ଟ ସମେତ ନିମ୍ନ ଅଦାଲତରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଉଭୟ ସ୍ଥାନରେ ଅଧିକ ସାଢ଼େ ୩ ପ୍ଲାଟୁନ ସଶସ୍ତ୍ର ବାହିନୀ ମୁତୟନ ହୋଇଛନ୍ତି। ଉଭୟ ହାଇକୋର୍ଟ ଏବଂ ଜିଲ୍ଲା ଜଜ୍ କୋର୍ଟରେ ଅଧିକ ସଂଖ୍ୟକ ମେଟାଲ ଡିଟେକ୍ଟର ନିଯୁକ୍ତ ହୋଇଛନ୍ତି। ସମସ୍ତ ପ୍ରବେଶ ଏବଂ ପ୍ରସ୍ଥାନ ଦ୍ୱାରରେ କଡ଼ାକଡ଼ି ଚେକିଂ କରାଯାଉଛି। ହାଇକୋର୍ଟ ଭିତରକୁ କୌଣସି ବକ୍ସ, ବ୍ୟାଗ୍ କିମ୍ବା ଜିନିଷପତ୍ର ନେବା ଉପରେ ପ୍ରତିବନ୍ଧକ ଲାଗୁ କରାଯାଇଛି। ଏଭଳି ସୁରକ୍ଷା




ବ୍ୟବସ୍ଥାକୁ ନେଇ ଆଇନଜୀବୀମାନେ ସନ୍ତୋଷ ପ୍ରକଟ କରିଛନ୍ତି। ସୂଚନାଯୋଗ୍ୟ ଯେ, ରାଜ୍ୟର ୩ଟି କୋର୍ଟକୁ ବୋମାରେ ଉଡ଼ାଇ ଦେବା ନେଇ ଧମକପୂର୍ଣ୍ଣ ଇ-ମେଲ୍ ଆସିବା ପରେ ସାରା ରାଜ୍ୟରେ ହଇଚଇ ସୃଷ୍ଟି ହୋଇଥିଲା। ଦେବଗଡ଼, ସମ୍ବଲପୁର ଏବଂ କଟକ ଜିଲ୍ଲା କୋର୍ଟକୁ ଧମକପୂର୍ଣ୍ଣ ମେଲ୍ ଆସିଥିଲା। ତେବେ ପରେ ଜଣାପଡ଼ିଥିଲା ଯେ ଏହା ଏକ ଗୁଜବ ସୃଷ୍ଟିକାରୀ ଇ-ମେଲ୍ ଥିଲା। ଦେଶର ଆଉ ୬ଟି ରାଜ୍ୟରେ ମଧ୍ୟ ସମାନ ଧରଣର ମେଲ୍ ଆସିଥିବା ବେଳେ ସେଠାରେ ମଧ୍ୟ ଚେକିଂ କରାଯାଇଥିଲା। ଘଟଣାର ତଦନ୍ତ ଆରମ୍ଭ ହୋଇଥିଲା। ଉଭୟ କ୍ରାଇମବ୍ରାଞ୍ଚ ଏବଂ ସାଇବର ସେଲ ମାମଲାର ତଦନ୍ତ ଆରମ୍ଭ କରିଛି ବୋଲି ପୋଲିସ କମିଶନର କହିଥିଲେ। ଧମକପୂର୍ଣ୍ଣ ଇ-ମେଲ୍‌ର ସୋର୍ସ କ'ଣ ତାହା ଜାଣିବା ଲାଗି ପୋଲିସ ସବୁ ପ୍ରକାରର ଚେଷ୍ଟା କରୁଛି ବୋଲି କହିଥିଲେ ପୋଲିସ କମିଶନର। ଏଭଳି ହୀନକାର୍ଯ୍ୟରେ ଯେଉଁମାନେ ସମ୍ପୃକ୍ତ, ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ହାଇକୋର୍ଟ ବାର୍ ଆସୋସିଏସନ ତରଫରୁ ଦାବି ହୋଇଛି।

# ସଂଚିତାଙ୍କ ନିଷ୍ଠା ଓ ପ୍ରତିବଦ୍ଧତା ପ୍ରେରଣାଦାୟୀ ହୋଇରହିବ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୯।୧
ନ୍ୟୁଜ୍‌ବ୍ୟୁରୋ

ବରିଷ୍ଠ ନେତ୍ରୀ ତଥା କୋରେଇ ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟିକା ଶ୍ରୀମତୀ ସଂଚିତା ମହାନ୍ତିଙ୍କ ବିୟୋଗରେ ଭାରତୀୟ ଜନତା ପାର୍ଟିର ଅପୂରଣୀୟ କ୍ଷତି ହୋଇଛି। ଦଳ ପାଇଁ ତାଙ୍କ ନିଷ୍ଠା ଓ ପ୍ରତିବଦ୍ଧତା ପ୍ରେରଣାଦାୟୀ ହୋଇରହିବ। ସେ ଦଳ ପାଇଁ ଅନେକ ତ୍ୟାଗ ଓ ତପସ୍ୟା କରିଛନ୍ତି। ପ୍ରତିକୂଳ ପରିସ୍ଥିତିରେ ଅନେକ କାର୍ଯ୍ୟ କରି ସଂଗଠନକୁ ମଜଭୁତ କରିଛନ୍ତି। ସେ ୨୦୦୪ରୁ ୨୦୦୯ ମସିହା ପର୍ଯ୍ୟନ୍ତ କୋରେଇ ବିଧାନସଭାରେ ବିଧାୟିକା ଭାବେ କାର୍ଯ୍ୟ କରିଥିଲେ। ସେ କେବଳ ଜଣେ ଦକ୍ଷ ରାଜନେତ୍ରୀ ନୁହନ୍ତି ବରଂ ଜନସେବା ଓ ସାଙ୍ଗଠନିକ କାର୍ଯ୍ୟରେ ଜଣେ କର୍ମଠ ନେତ୍ରୀ ଥିଲେ। କୋରେଇ ଅଞ୍ଚଳର ବିକାଶ ଏବଂ ଜନକଲ୍ୟାଣ ପାଇଁ ନିରନ୍ତର ପରିଶ୍ରମ କରି ସାଧାରଣ ଜନତାଙ୍କ ହୃଦୟରେ ଏକ ବିଶେଷ ସ୍ଥାନ ଅଧିକାର କରିଥିଲେ। ଏଥିସହ ଜଗନ୍ନାଥ ସଂସ୍କୃତି ଓ ଓଡ଼ିଆ ଅସ୍ମିତାର ସୁରକ୍ଷା ପାଇଁ ସେ ଅନେକ କାର୍ଯ୍ୟ କରିଛନ୍ତି। ତାଙ୍କର ଅନେକ ପ୍ରତିଦ୍ୱନ୍ଦ୍ୱୀ ଥିଲେ ମଧ୍ୟ କେହି ରାଜନୈତିକ ଶତ୍ରୁ ନଥିଲେ। ସେ ଜଣେ ଅତ୍ୟନ୍ତ ସ୍ନେହୀ, ମିଷ୍ଟଭାଷୀ, ସୁସଂଗଠକ, ଅମାୟିକ, ଧର୍ମପରାୟଣା ଓ ବନ୍ଧୁବତ୍ସଳ ମହିଳା ଥିଲେ ବୋଲି ଶୁକ୍ରବାର ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସ୍ୱର୍ଗତଃ ମହାନ୍ତିଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ଏହି ଅବସରରେ ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି ଯେ, ସ୍ୱର୍ଗତଃ ସଂଚିତା ଅପା ଜଣେ ସ୍ଥିତପ୍ରଜ୍ଞ ଓ ଉତ୍ସର୍ଗୀକୃତ ରାଜନେତ୍ରୀ ଥିଲେ। ସେ ଲୋକଙ୍କ ସହ ସକ୍ରିୟ ଚଳଚଞ୍ଚଳ ଓ ଜୀବନ୍ତ ସମ୍ପର୍କ ରଖିପାରୁଥିଲେ। ସେ ଯେଉଁ କାମ ଆରମ୍ଭ କରୁଥିଲେ ତାହା ଶେଷ ନହେବା ପର୍ଯ୍ୟନ୍ତ ଛାଡୁନଥିଲେ। ତାଙ୍କ ସାମାଜିକ, ରାଜନୈତିକ ସମ୍ପର୍କ ଅତ୍ୟନ୍ତ ସୁଦୃଢ଼ ଥିଲା। କୋରେଇ ବିଧାନସଭାରେ ରେକର୍ଡ ସଂଖ୍ୟାରେ ବିଜୟୀ ହୋଇ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଥିଲେ। ଦଳର ପ୍ରାରମ୍ଭରେ ଯେଉଁ କେତେଜଣ ନିସ୍ୱାର୍ଥପର କାର୍ଯ୍ୟ କରିଥିଲେ ତାଙ୍କ ଭିତରେ ସଂଚିତା ଅପା ଥିଲେ ଅନ୍ୟତମ। ନିଜର ନମ୍ରତା ଓ ଭଲପାଇବା ମାଧ୍ୟମରେ ସମସ୍ତଙ୍କୁ ନିଜର କରିପାରିଥିଲେ। ସେ ନିରନ୍ତର ସାଧନା ବଳରେ ଭାରତୀୟ ଜନତା ପାର୍ଟିକୁ ମଜବୁତ କରିଥିଲେ। ଲୋକଙ୍କ ବିଶ୍ୱାସର କେନ୍ଦ୍ରବିନ୍ଦୁ ସାଜିଥିଲେ। ତାଙ୍କର ବିଚାରଧାରାରେ ଅନୁପ୍ରାଣିତ ହୋଇ କାର୍ଯ୍ୟକର୍ତ୍ତାମାନେ କାର୍ଯ୍ୟ କରିବାକୁ ରାଜ୍ୟ ସଭାପତି ଶ୍ରୀ ସାମଲ ଆହ୍ୱାନ ଦେଇଥିଲେ।






ଭୁବନେଶ୍ୱର : ଏକାମ୍ର ପାର୍କରେ ଦୁଇଦିନିଆ ପୁଷ୍ପ ପ୍ରଦର୍ଶନୀ ଉଦ୍‌ଘାଟିତ। (ଫଟୋ : ସମ୍ବାଦ କଳିକା)

## ଆନ୍ତଃରାଜ୍ୟ କାର୍ ଚୋରି ରାକେଟର ପର୍ଦ୍ଦାଫାସ

# ମାଷ୍ଟରମାଇଣ୍ଡ ଦୁର୍ଦ୍ଦାନ୍ତ କାହ୍ନୁ ନାୟକ ଗିରଫ

ରାଉରକେଲା, ୯।୧ : ନ୍ୟୁଜ୍‌ବ୍ୟୁରୋ

ରାଉରକେଲା ପୁଲିସ ବର୍ଷ ଆରମ୍ଭରୁ ଏକ ବଡ଼ ଧରଣର ଆନ୍ତଃରାଜ୍ୟ କାର୍ ଚୋରି ରାକେଟର ପର୍ଦ୍ଦାଫାସ୍ କରିଛି। ଏହି ଗ୍ୟାଙ୍ଗର ମୁଖ୍ୟ ଅଭିଯୁକ୍ତ ବିଶ୍ରା ରଡାଖଣ୍ଡି ଅଞ୍ଚଳର କାହ୍ନୁ ନାୟକ ସହ ଜଲଦା ଏ' ବ୍ଲକ୍‌ର ଅନୁପ ମୁଣ୍ଡା ଓ ବିଶ୍ରା ଚେକ୍‌ଗେଟ୍ ଅଞ୍ଚଳର ମହମ୍ମଦ ଗୁଲଜାରକୁ ଗିରଫ କରାଯାଇଛି। ସେମାନଙ୍କ ଠାରୁ ୭ଟି ବୋଲେରୋ କାର୍ ସହ ୪ଟି ବାଇକ୍, ୩ଟି ମୋବାଇଲ୍ ଓ ୨ଟି ମାଷ୍ଟର ଚାବି ଜବତ କରାଯାଇଛି। ସମସ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଏନେଇ ରାଉରକେଲା ଜିଲ୍ଲା ପୁଲିସ କାର୍ଯ୍ୟାଳୟରେ ଆୟୋଜିତ ଏକ ପ୍ରେସମିଟ୍‌ରେ ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ କୁମାର ରାୟ ଓ ରାଉରକେଲା ଏସ୍‌ପି ନୀତେଶ ୱାଧୱାନୀ ସୂଚନା ଦେଇଛନ୍ତି।

# ମହାନଦୀ ସହ ବାହୁଦାକୁ ସଂଯୋଗୀକରଣ ପାଇଁ ରାଜ୍ୟପାଳଙ୍କୁ ସ୍ମାରକପତ୍ର ପ୍ରଦାନ




ଦିଗପହଣ୍ଡି, ୯।୧ :ନ୍ୟୁଜ୍‌ବ୍ୟୁରୋ

ଦକ୍ଷିଣ ଓଡ଼ିଶା ବିକାଶ ପରିଷଦର ଆବାହକ ତଥା ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ଅଧିକାରୀ ଡ. ବାଳକୃଷ୍ଣ ପଣ୍ଡା ଶୁକ୍ରବାର ଓଡ଼ିଶାର ରାଜ୍ୟପାଳ ହରିବାବୁ କମ୍ଭମପାଟିଙ୍କୁ ସାକ୍ଷାତ କରି ଦକ୍ଷିଣ ଓଡ଼ିଶାର ଜଳସେଚନ ଓ ଶିଳ୍ପ ବିକାଶ ପାଇଁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ମହାନଦୀ-ଋଷିକୂଲ୍ୟା ନଦୀ ସଂଯୋଗୀକରଣ ଯୋଜନାକୁ ବାହୁଦା ନଦୀ ପର୍ଯ୍ୟନ୍ତ ସମ୍ପ୍ରସାରିତ କରି ଜାତୀୟ ଜଳପଥ-୫କୁ ଏହାସହ ଯୋଡ଼ିବା ପାଇଁ ସ୍ମାରକପତ୍ରରେ ଉଲ୍ଲେଖ ରହିଛି। ମହାନଦୀର ବନ୍ୟା ଜଳକୁ ବିନିଯୋଗ କରିବା ପାଇଁ ସାତକୋଶିଆ ନିକଟସ୍ଥ ବଡ଼ମୂଳଠାରେ ଏକ ବନ୍ଧ ନିର୍ମାଣ କରାଯାଇ ଦକ୍ଷିଣ ଓଡ଼ିଶାକୁ ଜଳ ଯୋଗାଣ କରିବ। ଏହି ୩୧୭ କି.ମି ପରିବ୍ୟାପ୍ତ କେନାଲ ଦ୍ୱାରା ନୟାଗଡ଼, ଖୋର୍ଦ୍ଧା, ଗଞ୍ଜାମ ଓ ଗଜପତି ଜିଲ୍ଲାର ପ୍ରାୟ ୨.୭ ଲକ୍ଷ ହେକ୍ଟର ଚାଷ ଜମିକୁ ଜଳସେଚନ ସୁବିଧା ମିଳିବା ସହ ବ୍ରହ୍ମପୁର ସହରର ପାନୀୟ ଜଳ ସମସ୍ୟା ଦୂର ହୋଇପାରିବ। ଏହି କେନାଲଟି ନୌଚଳାଚଳ ଯୋଗ୍ୟହେବା ସହ ଜାତୀୟ ଜଳପଥ-୫ ସହ ସଂଯୁକ୍ତ ହେଲେ ତାଳଚେର କୋଇଲା ଖଣି ଓ ପାରାଦୀପ ବନ୍ଦର ସହ ଗୋପାଳପୁର ଓ ବାହୁଦା ମୁହାଣରେ ପ୍ରସ୍ତାବିତ ବନ୍ଦର ସହଜରେ ଯୋଡ଼ି ହୋଇପାରିବ। ଏହା ଦ୍ୱାରା ରାଜ୍ୟର ଇକୋନୋମିକ କରିଡରରେ ଥିବା ଶିଳ୍ପ ଗୁଡ଼ିକୁ ଆବଶ୍ୟକ ପରିମାଣର ଜଳ ଯୋଗାଇ ଦିଆଯାଇପାରିବ। ଏହି ପ୍ରକଳ୍ପ ଦ୍ୱାରା ୪୨୨ ମେଗାୱାଟ ବିଦ୍ୟୁତ ଶକ୍ତି ଉତ୍ପାଦନ ହେବା ସହ କେନାଲ ମଧ୍ୟରେ 'କେଜ ଫିସିଂ' ମାଧ୍ୟମରେ ମତ୍ସ୍ୟ ଚାଷକରି ପ୍ରକଳ୍ପ ଦ୍ୱାରା ଜମି ହରାଇଥିବା ଚାଷୀମାନଙ୍କୁ ରୋଜଗାରକ୍ଷମ କରାଯାଇପାରିବ। ବିକଶିତ ଭାରତ ଓ ଉତ୍କର୍ଷ ଓଡ଼ିଶା-୨୦୩୬ର ସ୍ୱପ୍ନକୁ ସାକାର କରିବା ପାଇଁ ଏହି ବହୁମୁଖୀ ପ୍ରକଳ୍ପ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବ ବୋଲି ସ୍ମାରକପତ୍ରରେ ଦର୍ଶାଯାଇଛି। ସ୍ମାରକପତ୍ର ପ୍ରଦାନ ସମୟରେ କେନ୍ଦ୍ର ଶ୍ରମ ନିୟୋଜନ ଶିକ୍ଷା ବୋର୍ଡର ପ୍ରାକ୍ତନ ଅଧକ୍ଷ କେ. ଲକ୍ଷ୍ମଣ ରେଡ୍ଡୀ ଉପସ୍ଥିତ ଥିଲେ।

## ଓୟୁଜେର ୫୪ତମ ପ୍ରତିଷ୍ଠା ଦିବସ ସମାରୋହ

# ସାମ୍ବାଦିକଙ୍କ ଦାବି ପୂରଣ ପାଇଁ ଆରମ୍ଭ ହୋଇଛି ପ୍ରକ୍ରିୟା : ଆଇନ ମନ୍ତ୍ରୀ

ଭୁବନେଶ୍ୱର, ୯।୧
ନ୍ୟୁଜ୍‌ବ୍ୟୁରୋ

ରାଜ୍ୟରେ ସାମ୍ବାଦିକମାନଙ୍କ ଲାଗି ପେନ୍‌ସନ୍ ଲାଗୁ, ଅନୁକମ୍ପା ରାଶି ବୃଦ୍ଧି ଓ ସୁରକ୍ଷା ଆଇନ ପ୍ରଣୟନ ଆଦି ପ୍ରସଙ୍ଗ ଉପରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ପ୍ରକ୍ରିୟା ଆରମ୍ଭ ହୋଇଛି। ସମସ୍ତ ବିଷୟକୁ ତର୍ଜମା କରାଯାଇ ଖୁବ୍‌ଶୀଘ୍ର ଏ ବାବଦରେ ଅନୁକୂଳ ନିଷ୍ପତ୍ତି ନିଆଯିବ ବୋଲି ଆଇନ୍, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି।

ଶୁକ୍ରବାର ଦିନ ଜୟଦେବ ଭବନଠାରେ ଆୟୋଜିତ ଓଡ଼ିଶା ସାମ୍ବାଦିକ ୟୁନିଅନ୍ (ଓୟୁଜେ)ର ୫୪ତମ ପ୍ରତିଷ୍ଠା ଦିବସ ସମାରୋହରେ ମୁଖ୍ୟଅତିଥି ରୂପେ ଯୋଗଦେଇ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଥିଲେ ଯେ, ସରକାର ପରିବର୍ତ୍ତନ ସହ ରାଜ୍ୟରେ ସାମ୍ବାଦିକତା କ୍ଷେତ୍ରରେ ଏକ ଅନୁକୂଳ ବାତାବରଣ ସୃଷ୍ଟି ହୋଇଛି। ସାମ୍ବାଦିକମାନେ ନିର୍ଭୀକ ଭାବେ ସରକାରଙ୍କ ଦୋଷତ୍ରୁଟିକୁ ସମାଲୋଚନା କରିବାରେ କୌଣସି ସମସ୍ୟା ନାହିଁ। ବରଂ ସାମ୍ବାଦିକଙ୍କ ମନ୍ତବ୍ୟକୁ ନେଇ ସରକାର ନିଜର ତ୍ରୁଟିକୁ ସୁଧାରିବାକୁ ଚେଷ୍ଟା କରୁଛନ୍ତି ବୋଲି ସେ କହିଥିଲେ। ଏକ ବିକଶିତ ଓଡ଼ିଶା ଗଠନ ଲାଗି ଯେଉଁ ପ୍ରକ୍ରିୟା ଆରମ୍ଭ ହୋଇଛି ଏଥିରେ ସାମ୍ବାଦିକମାନେ ହିଁ ପ୍ରମୁଖ ଭୂମିକା ଗ୍ରହଣ କରନ୍ତି ବୋଲି ସେ ଆହ୍ୱାନ ଦେଇଥିଲେ। ଓୟୁଜେର ଦାବିକ୍ରମେ ବିଭିନ୍ନ ସରକାରୀ ବଙ୍ଗଳା ଓ ଆବାସସ୍ଥଳୀ ଲାଗି ବୃଦ୍ଧି ହୋଇଥିବା ଦେୟକୁ ସାମ୍ବାଦିକମାନଙ୍କ ଲାଗି ୩୦୦ ଟଙ୍କାକୁ କମାଇ ଦିଆଯିବ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଘୋଷଣା କରିଥିଲେ।

ଉତ୍ସବକୁ ଉଦ୍‌ଘାଟନ କରି ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବବ୍ୟାପାର ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ ଓଡ଼ିଆ ସାମ୍ବାଦିକତାର ଇତିହାସ ଯେତିକି ପ୍ରାଚୀନ ସେତିକି ସମୃଦ୍ଧି ବୋଲି ଉଲ୍ଲେଖ କରିବା ସହ ଭାଷାକୁ ଶୁଦ୍ଧ ଓ ଋଦ୍ଧିମନ୍ତ କରିବାରେ ସାମ୍ବାଦିକମାନଙ୍କର ସକ୍ରିୟ ସହଯୋଗ କାମନା କରିଥିଲେ।




ଉତ୍ସବରେ ସଭାପତିତ୍ୱ କରି ଓୟୁଜେର ସଭାପତି ପ୍ରସନ୍ନ ମହାନ୍ତି ୟୁନିଅନ୍ ପକ୍ଷରୁ ନିରନ୍ତର ଭାବରେ ଉପସ୍ଥାପନ କରାଯାଉଥିବା ପେନ୍‌ସନ୍, ପ୍ରୋଟେକ୍ସନ ଓ ଆକ୍ରିଡ଼େସନ ପ୍ରସଙ୍ଗରେ ସରକାର ତୁରନ୍ତ ପଦକ୍ଷେପ ଗ୍ରହଣ ନ କଲେ ଓୟୁଜେ ବାଧହୋଇ ପୁଣିଥରେ ଆନ୍ଦୋଳନର ରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଥିଲେ। ସାମ୍ବାଦିକଙ୍କ ଲାଗି ଉଦ୍ଦିଷ୍ଟ ଅନୁକମ୍ପା ରାଶିର ପରିମାଣକୁ ୪ଲକ୍ଷରୁ ୧୦ଲକ୍ଷ ଟଙ୍କାକୁ ବୃଦ୍ଧି କରିବାକୁ ସେ ଦାବି କରିଥିଲେ।

ବିଶେଷ ଅତିଥିରୂପେ ଯୋଗଦେଇ ଲୋକସଭା ସଦସ୍ୟ ପ୍ରଦୀପ ପୁରୋହିତ କରୋନା ସମୟରେ ପ୍ରତ୍ୟାହୃତ ହୋଇଥିବା ସାମ୍ବାଦିକଙ୍କ ରିହାତି ରେଳଯାତ୍ରା ପ୍ରସଙ୍ଗ ନିଶ୍ଚିତରୂପେ ସଂସଦରେ ଉଠାଇ ଏହାର ପୁନଃପ୍ରଚଳନ ଦାବି କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ଓୟୁଜେର ନିରନ୍ତର ସାଙ୍ଗଠନିକ କାର୍ଯ୍ୟକୁ ପ୍ରଶଂସା କରିବା ସହ ୟୁନିଅନ୍ ପକ୍ଷରୁ ଉଠାଯାଇଥିବା ସମସ୍ତ ଦାବି ଯଥାର୍ଥ ଓ ରାଜ୍ୟ ସରକାର ଏ ଦିଗରେ ତୁରନ୍ତ ପଦକ୍ଷେପ ନେବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ।

ସାଧାରଣ ସମ୍ପାଦକ କିଷାନ କୁମାର ରାଉତ ସମ୍ପାଦକୀୟ ବିବରଣୀ ଉପସ୍ଥାପନ କରି ଓୟୁଜେର ବିଭିନ୍ନ ଦାବି ସମ୍ପର୍କରେ ଉଲ୍ଲେଖ କରିଥିଲେ। ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ଅକ୍ଷୟ କୁମାର ସାହୁ ଅତିଥି ପରିଚୟ ପ୍ରଦାନ ସହ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଉପସଭାପତି ପରୀକ୍ଷିତ ବିଶ୍ୱାଳ, ସମ୍ପାଦକ ଦେବପ୍ରସାଦ ଦାସ, ଆଚାର୍ଯ୍ୟ ବିଶ୍ୱରଞ୍ଜନ, ରିତୁରାଜ ସିଂ, ରୂପେଶ ସାହୁ ଓ ଭୁବନେଶ୍ୱର ଜିଲ୍ଲାମୁଖ୍ୟ ଚିନ୍ମୟ ମହାପାତ୍ର ପ୍ରମୁଖ ରାଜ୍ୟ ସରକାର ଓୟୁଜେର ଦାବିକୁ ତୁରନ୍ତ ମାନିନେବାକୁ ଦାବି କରିଥିଲେ। କୋଷାଧକ୍ଷ ଅମୂଲ୍ୟ ରଞ୍ଜନ ସ୍ୱାଇଁ ଆର୍ଥିକ ବିବରଣୀ ଉପସ୍ଥାପନ କରିଥିଲେ। ଉପସଭାପତି ସନ୍ତୋଷ କୁମାର ସିଂହଦେଓ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଓୟୁଜେର ସାଙ୍ଗଠନିକ କାର୍ଯ୍ୟଧାରା ପ୍ରତି ଆକର୍ଷିତ ହୋଇ ଭଦ୍ରକ, ମାଲକାନଗିରି, ଅନୁଗୁଳ ଆଦି ଜିଲ୍ଲାରୁ ୩୦ରୁ ଅଧିକ ସାମ୍ବାଦିକ ସଙ୍ଗଠନର ସଦସ୍ୟତା ଗ୍ରହଣ କରିଥିଲେ। ୟୁନିଅନ୍ ପକ୍ଷରୁ ଏହି ଅବସରରେ ଏକ ସ୍ୱାସ୍ଥ୍ୟସେବା ଶିବିରର ଆୟୋଜନ କରାଯାଇଥିଲା। ଏଥିସହ ସାଇକଲା ସଂସଦ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

ଏହି ଅବସରରେ ଡକ୍ଟର ଆଲୋକ କୁମାର କର, ସାମ୍ବାଦିକ ଅଭୟ କୁମାର ପତି, ବିବର୍ତ୍ତନ ପଣ୍ଡା, ନବକିଶୋର ସାହୁ, ଅଜିତ୍ କୁମାର ଧର, ଭୈରବ ଚନ୍ଦ୍ର ସେଠୀ ଓ ଚିତ୍ତରଞ୍ଜନ ବେହେରାଙ୍କୁ ଓୟୁଜେ ମିଡ଼ିଆ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ରାଜ୍ୟର ୩୦ଟି ଜିଲ୍ଲାରୁ ୭୦୦ରୁ ଊର୍ଦ୍ଧ୍ୱ ସାମ୍ବାଦିକ ଯୋଗ ଦେଇଥିଲେ। ପ୍ରଥମ ଅଧିବେଶନରେ ଅନୁଷ୍ଠିତ ସାଧାରଣ ପରିଷଦ ବୈଠକରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ପାରିତ ହୋଇଥିଲା।



ସମ୍ପାଦକୀୟ
ପୃଷ୍ଠା-୪
ଡେଙ୍ଗୁ, ଲାଇନ୍ ପୂରୁଛି, ଡର ବଢ଼ୁଛି
ଉତ୍କଳ ଦୀପିକା
THE UTKAL DEEPIKA
ସାପ୍ତାହିକ ସମ୍ବାଦ ପତ୍ରିକା
Vol-10 • Issue-27 • 07-13th January 2026 • Bhubaneswar

ଧାନ ଉତ୍ପାଦନରେ ବିଶ୍ୱରେ ଏକ ନମ୍ବର ଭାରତ

ଆପୋଲୋ ମିଶନ୍ ପରେ ଚନ୍ଦ୍ରରେ ପାଦ ଦେବ ମଣିଷ

ଲଞ୍ଚ ହେବ ନାସାର ଆର୍ଟେମିସ୍-୨ ମିଶନ୍

## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com


# କଳାହାଣ୍ଡିରୁ ଚାଲାଣ ହେଉଥିବା ୮୩ ଜୀବନ୍ତ କଇଁଛ ନବରଙ୍ଗପୁରରୁ ଜବତ

ଭୁବନେଶ୍ୱର, ୯।୧
ନ୍ୟୁଜ୍‌ବ୍ୟୁରୋ

ବନ ବିଭାଗର କର୍ମଚାରୀମାନେ ଅତର୍କିତ ଚଢ଼ଉ କରି ୮୩ଟି ଜୀବନ୍ତ କଇଁଛ ଜବତ କରିଛନ୍ତି। ଏଗୁଡ଼ିକ କଳାହାଣ୍ଡି ଜିଲ୍ଲାରୁ ଆସିଥିଲା। ନବରଙ୍ଗପୁର ଜିଲ୍ଲା ଡାବୁଗାଁ ରେଞ୍ଜ ଅଧିନ ମୈଦଲପୁର ବନବିଭାଗ ୮୩ଟି ଜୀବନ୍ତ କଇଁଛ ଉଦ୍ଧାର କରି ଦୁଇ ଜଣ ଅଭିଯୁକ୍ତକୁ ଗିରଫ କରିବା ସହ ବ୍ୟବହୃତ ବାଇକ୍ ଜବତ କରାଯାଇଛି। ଚାଲାଣକାରୀ ଦୁଇ ଅଭିଯୁକ୍ତ ହେଲେ ଡାବୁଗାଁ ଥାନା ଚାଟିଗୁଡ଼ା ଗ୍ରାମର ପବିତ୍ର ସରକାର (୩୦) ଓ ରାମ ପ୍ରସାଦ ସରକାର(୩୪)।

କଳାହାଣ୍ଡି ଜିଲ୍ଲା ଆମପାଣି ଠାରୁ ଚାଟିଗୁଡ଼ାକୁ ଚାଲାଣ କରୁଥିବା ସମୟରେ ମୈଦଲପୁର ବନବିଭାଗ ବିଶେଷ ସୂତ୍ରରୁ ଖବର ପାଇ ମୈଦଲପୁର ନିକଟରେ ଚଢ଼ଉ କରିଥିଲେ। ଚଢ଼ଉ ସମୟରେ ୮୩ ଗୋଟି ଜୀବନ୍ତ କଇଁଛ ଉଦ୍ଧାର କରିଥିଲେ। ଚାଲାଣ କରୁଥିବା ଦୁଇ



ଅଭିଯୁକ୍ତକୁ ଅଟକ ରଖି ପଚରାଉଚରା କରି ଚାଲାଣ ହୋଉଥିବା ଜାଣିବାକୁ ପାଇଥିଲେ। ଘଟଣାସ୍ଥଳରୁ କଇଁଛ ଉଦ୍ଧାର କରିବା ସହ ବ୍ୟବହୃତ ବାଇକ୍ ଜବତ କରି ଦୁଇ ଚାଲାଣକାରୀ ଅଭିଯୁକ୍ତଙ୍କୁ ଗିରଫ କରିଛନ୍ତି। ଓଆର ନଂ ୨୨୭/୨୦୨୫-୨୬ ମାମଲା ରୁଜୁ କରି ଦୁଇ ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଥିବା ବିଭାଗ ପକ୍ଷରୁ ସୂଚନା ମିଳିଛି।

ସୂଚନା ଥାଉକି ୨୦୨୩ ମସିହା ଜୁନ ମାସରେ ମୈଦଲପୁର ପୁଲିସ ପକ୍ଷରୁ ୯୨ ଗୋଟି ଜୀବନ୍ତ କଇଁଛ ଉଦ୍ଧାର କରିଥିଲେ। ଏହି ଚଢ଼ଉ ସମୟରେ ଡାବୁଗାଁ ବନାଞ୍ଚଳ ଅଧିକାରୀ ରାମ ଚନ୍ଦ୍ର ଭତ୍ରା, ମୈଦଲପୁର ଫରେଷ୍ଟର ମଧୁସୂଦନ ପାତ୍ର, ବସନ୍ତ କୁମାର ନାୟକ, ଉମାଶଙ୍କର ମିଶ୍ର, ସରସ୍ୱତୀ ମେହେର, ମଧୁସ୍ମିତା ତ୍ରିପାଠୀ, ବୈଦ୍ୟନାଥ ମାଝୀ ଓ ଝାଡ଼େଶ୍ୱର ହରିଜନ ପ୍ରମୁଖ ସାମିଲ ରହିଥିଲେ।

# ଏପ୍ରିଲ ପହିଲା ଯାଏଁ ପ୍ରଦୂଷଣ ସାର୍ଟିଫିକେଟ ଯାଞ୍ଚ କୋହଳ

ଭୁବନେଶ୍ୱର, ୯।୧
ନ୍ୟୁଜ୍‌ବ୍ୟୁରୋ

ଏପ୍ରିଲ ପହିଲା ଯାଏଁ ପ୍ରଦୂଷଣ ସାର୍ଟିଫିକେଟ ଯାଞ୍ଚକୁ କୋହଳ ପାଇଁ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ନିଷ୍ପତ୍ତି ନେଇଛନ୍ତି। ଟୋଲଗେଟରେ ଇ-ଡିଟେକ୍ସନ ବ୍ୟବସ୍ଥାରେ ଏହି ଅବଧିରେ କଟିବ ନାହିଁ ପ୍ରଦୂଷଣ ଚାଲାଣ। ପ୍ରଦୂଷଣ ଜରିମାନା ରାଶିର ତର୍ଜମା ପାଇଁ ମଧ୍ୟ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ପରିବେଶ ସୁରକ୍ଷାକୁ ଦୃଷ୍ଟିରେ ରଖି ପ୍ରଦୂଷଣ ସୃଷ୍ଟି କରୁଥିବା ଗାଡ଼ି ବ୍ୟବହାର ନ କରିବାକୁ ନିବେଦନ କରାଯାଇଛି। ଏହି ଅବଧି ମଧ୍ୟରେ ମୋଟର ଯାନ ଆଇନ ଅନୁଯାୟୀ ବାଧ୍ୟତାମୂଳକ ପ୍ରଦୂଷଣ ପ୍ରମାଣପତ୍ର କରାଇନେବାକୁ ପରାମର୍ଶ ଦିଆଯାଇଛି।

ବାଣିଜ୍ୟ ଓ ପରିବହନ ବିଭାଗ ମନ୍ତ୍ରୀ ବିଭୂତି ଭୂଷଣ ଜେନା ପ୍ରଦୂଷଣ ଯାଞ୍ଚ ଓ ଜରିମାନାକୁ ନେଇ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ପ୍ରଦୂଷଣ ଯାଞ୍ଚ ପାଇଁ ଜନସାଧାରଣଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ଆସନ୍ତା ଏପ୍ରିଲ ପହିଲା



ପର୍ଯ୍ୟନ୍ତ ପ୍ରଦୂଷଣ ନ ଥିଲେ ଜରିମାନା ନ ଲଗାଇବାକୁ ରାଜ୍ୟ ପରିବହନ ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି। ଟୋଲଗେଟରେ ଇ-ଡିଟେକ୍ସନରେ କଟୁଥିବା ଏ ସମ୍ବନ୍ଧୀୟ ଜରିମାନାକୁ ମଧ୍ୟ ସ୍ଥଗିତ ରଖିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ସେହିଭଳି ପ୍ରଦୂଷଣ ପ୍ରମାଣପତ୍ର ନ ଥିଲେ ମୋଟର ଯାନ ଆଇନ ଅନୁଯାୟୀ ଲାଗୁ ହେଉଥିବା ୧୦ ହଜାର ଟଙ୍କା ଜରିମାନାକୁ ହ୍ରାସ କରିବା ଦିଗରେ ତର୍ଜମା କରିବାକୁ ମଧ୍ୟ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି।

ମନ୍ତ୍ରୀ ଶ୍ରୀ ଜେନା କହିଛନ୍ତି, ଗାଡ଼ିର ପ୍ରଦୂଷଣ ଯାଞ୍ଚ କରିବା ସମସ୍ତଙ୍କ ଦାୟିତ୍ୱ। ବାୟୁ ଗୁଣବତ୍ତା ଦିନକୁ ଦିନ ଖରାପ ହେଉଛି। ଏହାର ସୁଧାର ଦିଗରେ କାର୍ଯ୍ୟ କରିବା ଆମ ସମସ୍ତଙ୍କ କର୍ତ୍ତବ୍ୟ। ସେଥିପାଇଁ ପରିବହନରେ ପରିବେଶ ସୁରକ୍ଷାକୁ ଲକ୍ଷ୍ୟ ରଖି ପ୍ରଦୂଷଣ ଯାଞ୍ଚ ପାଇଁ କଠୋର ଆଭିମୁଖ୍ୟ ଗ୍ରହଣ କରାଯାଇଛି। ମୋଟର ଯାନ ଆଇନ ଅନୁଯାୟୀ ଏହା ବାଧ୍ୟତାମୂଳକ ମଧ୍ୟ। ଓଡ଼ିଶାରେ ମାତ୍ର ୨୧ ପ୍ରତିଶତ ଗାଡ଼ିରେ ପ୍ରଦୂଷଣ ପ୍ରମାଣପତ୍ର ରହିଛି। ଅନେକ ଗାଡ଼ି ଏହି ନିୟମର ବ୍ୟାପକ ଉଲ୍ଲଙ୍ଘନ କରୁଛନ୍ତି। ଯାହାକୁ ଦୃଷ୍ଟିରେ ରଖି ଏ ଦିଗରେ ସଚେତନତା ବୃଦ୍ଧି କରିବାକୁ ପ୍ରଦୂଷଣ ପ୍ରମାଣପତ୍ରକୁ ଗୁରୁତ୍ୱ ଦିଆଯାଇଛି। ତେବେ ଜନସାଧାରଣ ଏଥିପାଇଁ ସମସ୍ୟାର ସମ୍ମୁଖୀନ ହେଉଥିବାର ଦୃଷ୍ଟିକୁ ଆସିବାରୁ ଜନସାଧାରଣଙ୍କ ସୁବିଧା ପାଇଁ କୋହଳ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହି ସମୟ ଅବଧିରେ ପ୍ରଦୂଷଣ ପ୍ରମାଣପତ୍ର କରାଇନେବାକୁ ମନ୍ତ୍ରୀ ଶ୍ରୀ ଜେନା କହିଛନ୍ତି।

# ହାଇକୋର୍ଟଙ୍କ ନିର୍ଦ୍ଦେଶରେ ଶିଶୁ ଭବନ ପରିସରରୁ ଭଙ୍ଗା ଗଲା ଅସୁରକ୍ଷିତ କୋଠା

କଟକ, ୯।୧
ନ୍ୟୁଜ୍‌ବ୍ୟୁରୋ

ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଶୁକ୍ରବାର ଶିଶୁ ଭବନ ପରିସରରୁ ଅସୁରକ୍ଷିତ କୋଠାଗୁଡ଼ିକୁ ଭଙ୍ଗାଯାଇଛି। ଏହି କ୍ରମରେ ଶିଶୁ ଭବନ ପରିସରରେ ଥିବା ପ୍ରାୟ ୪ଟି



କ୍ୱାର୍ଟରକୁ ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ଦିଆଯାଇଛି। ମାଜିଷ୍ଟ୍ରେଟ୍ ଓ ପୋଲିସଙ୍କ ଉପସ୍ଥିତିରେ ଏହି କାର୍ଯ୍ୟ ସମ୍ପାଦିତ ହୋଇଥିଲା। ଘଟଣା ସ୍ଥଳରେ ଆର୍ ଆଣ୍ଡ ବି, ଟିପିସିଓଡିଲ୍ ଓ ୱାଟ୍‌କୋର ଅଧିକାରୀମାନେ ଉପସ୍ଥିତ ଥିଲେ।

# ହାତୀ ଆକ୍ରମଣରେ ଦୁଇ ମୃତ : ଜଣେ ବନ କର୍ମଚାରୀ ଆହତ

ରରୁଆଁ, ୯।୧ : ନ୍ୟୁଜ୍‌ବ୍ୟୁରୋ

ଓଡ଼ିଶା ସୀମାନ୍ତ ମୟୂରଭଞ୍ଜ ଜିଲ୍ଲାର ରରୁଆଁ ବ୍ଲକ ରରୁଆଁ ପଞ୍ଚାୟତ ସୀମା ଠାରୁ ମାତ୍ର ୫୦ ମିଟର ଦୂର ଝାଡ଼ଖଣ୍ଡ ରାଜ୍ୟର ମଝିଗାଁ ବ୍ଲକ ବେନିସାଗର ଗ୍ରାମରେ ହାତୀ ଆକ୍ରମଣରେ ଦୁଇଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ବନ କର୍ମଚାରୀ ଆହତ ହୋଇଛନ୍ତି। ବେନିସାଗର ଗ୍ରାମରେ ଶୁକ୍ରବାର ସକାଳ ୭ଟା ୧୫ ମିନିଟ ସମୟ ଜଣେ ବାଳକକୁ ଗୋଠଛଡ଼ା ଏକ ଦନ୍ତା ହାତୀ ତା'ର ଶୁଣ୍ଢରେ ଟେକି କଚାଡ଼ି ମାରିସାରିବା ପରେ ୮ଟାରେ ପ୍ରକାଶ ମାଲୁଆ (୪୦)ଙ୍କୁ ପଛରୁ ଆକ୍ରମଣ କରି ମୁଣ୍ଡରୁ ଗଣ୍ଡିକୁ ଅଲଗା କରିଦେଇଥିଲା। ପ୍ରଥମ ମୃତ ବାଳକ ପାଖରେ ଦନ୍ତା ହାତୀ ଜଗି ରହିଛି। ଏଣେ ଅପରାହ୍ଣ ଗୋଟାଏ ସମୟରେ ଝାଡ଼ଖଣ୍ଡ ବନ କର୍ମଚାରୀ ଜଣଙ୍କ ହାତୀ ଘଉଡ଼ାଇବାକୁ ଯାଇ ହାତୀ ଆକ୍ରମଣର ଶିକାର ହୋଇ ରରୁଆଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହେଉଥିଲେ। ହେଲେ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କେନ୍ଦୁଝର ଜିଲ୍ଲା ମେଡିକାଲକୁ ପଠା ଯାଇଥିବାର ସୂଚନା ମିଳିଛି।